ସାପ୍ତାହିକ ସ୍ୱୀକାର

Postal Regd. No.: SBP/14/2019-2021

The Sweekar ସ୍ୱୀକାର

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.25 | Issue - 18 | 2 - 8 May 2021 | Sambalpur | Page-12 | Invitation Price Rs.10

# ପଶ୍ଚିମବଙ୍ଗରେ ମୋଦୀ ମ୍ୟାଜିକ କାମ ଦେଲା ନାହିଁ : ଟିଏମସିର ବିପୁଳ ବିଜୟ ହେଲେ ମମତା ହାରିଲେ

ନୂଆଦିଲ୍ଲୀ: ନିକଟରେ ଅନୁଷ୍ଠିତ ପଶ୍ଚିମବଙ୍ଗ ୨୯୪ ସଦସ୍ୟ ବିଶିଷ୍ଟ ବିଧାନସଭାର ଭୋଟ ଗ୍ରହଣ କରାଯାଇଥିବା ୨୯୨ ଆସନରୁ ୨୧୩ ରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ଏଥିସହ ମମତା ବାନାର୍ଜୀ ଲଗାତର ତୃତୀୟ ଥର କ୍ଷମତା ଦଖଲ କରି ହ୍ୟାଟ୍ରିକ ସଫଳତା ପାଇଛନ୍ତି । ପଶ୍ଚିମବଙ୍ଗରେ କଳ ବଳ କୌଶଳ ପ୍ରୟୋଗ କରି କ୍ଷମତା ହାତେଇବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିବା ଭାରତୀୟ ଜନତା ପାର୍ଟି (ଭାଜପା) ଦୁଇ ଅଙ୍କରେ ସୀମିତ ରହିଛି । ଗୈରିକ ଦଳକୁ ମମତାଙ୍କ ଗଡ଼ରେ କିଛି ସଫଳତା ମିଳିଥିଲେ ହେଁ ଏହାର ସରକାର ଗଢ଼ିବା ସ୍ୱପ୍ନ ମଉଳିଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ କେନ୍ଦ୍ର କ୍ୟାବିନେଟର ଅନେକ ମନ୍ତ୍ରୀଙ୍କ ତମାମ ଉଦ୍ୟମ ସତ୍ତ୍ୱେ ଦିଦିଙ୍କ ଦୁର୍ଗ ଭେଦ କରିବାରେ ସଫଳ ହୋଇନାହିଁ ଗୈରିକ ଦଳ । ସେହିପରି ତାମିଲନାଡୁରେ ଭାଜପା ସହଯୋଗୀ ଶାସକ ଅଲ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍‌କୁ ପ୍ରତ୍ୟାଖ୍ୟାନ କରିଛନ୍ତି ଭୋଟର । ଏଠାରେ ଦ୍ରାବିଡ ମୁନେତ୍ରା କାଜାଗାମ୍ ଅଧ୍ୟକ୍ଷ ଏମ.କେ. ଷ୍ଟାଲିନଙ୍କ ସପକ୍ଷରେ ଯାଇଛି ଜନାଦେଶ । ଏହି ଦକ୍ଷିଣ ଭାରତୀୟ ରାଜ୍ୟର ମତଦାତା ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀଙ୍କ ନେତୃତ୍ୱକୁ ଧିକ୍କାର କରି ଶାସକ ମେଣ୍ଟକୁ ମାତ୍ର ୭୮ ଆସନରେ ସୀମିତ ରହିବାକୁ ବାଧ କରିଛନ୍ତି । ଫଳରେ ଦ୍ରାବିଡ ରାଜନୀତିର ଷ୍ଟଲୱାର୍ଟ





ସ୍ୱର୍ଗତ ଏମ୍. କରୁଣାନିଧିଙ୍କ ପୁଅ ଷ୍ଟାଲିନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ହେବା ପଥ ପରିଷ୍କାର ହୋଇଛି । କେରଳରେ ଦୀର୍ଘ ୪ ଦଶନ୍ଧିର ରେକର୍ଡ ଭଙ୍ଗ ହୋଇଛି । ପରମ୍ପରା ଅନୁଯାୟୀ କେରଳରେ ପ୍ରତି ୫ ବର୍ଷରେ କ୍ଷମତାର ଅଦଳ ବଦଳ ହୋଇଥାଏ । ଏହି ଟ୍ରେଣ୍ଡ ଅନୁଯାୟୀ ଚଳିତ ଥର କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ କ୍ଷମତାକୁ ଆସିଥାନ୍ତା । କିନ୍ତୁ ଚଳିତ ଥର ଏହି ରେକର୍ଡ ଭଙ୍ଗ ହୋଇଛି । ଭୋଟରମାନେ ପରମ୍ପରା ଭାଙ୍ଗି ପୁଣିଥରେ ଏଲଡିଏଫକୁ ବାଛିଛନ୍ତି । ୪ ଦଶନ୍ଧିରେ ପ୍ରଥମ ଥର ବାମମେଣ୍ଟ ଲଗାତାର ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଫେରିଛି । କେରଳରେ ଶାସକ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ ବିପୁଳ ବିଜୟ ହାସଲ କରି ଇତିହାସ ରଚିଛି । ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ୍ ନିଜ ଲୋକପ୍ରିୟତାର ପ୍ରମାଣ ଦେଇଛନ୍ତି । କେରଳବାସୀ ତାଙ୍କ ମଥାରେ ପୁନର୍ବାର ବିଜୟ ତିଲକ ଲଗାଇଛନ୍ତି । ବିରୋଧୀ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟକୁ ଶୋଚନୀୟ ପରାଜୟ ବରଣ କରିବାକୁ ପଡିଛି । ୱାୟନାଡ୍ ଏମପି ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଗୋଟି ଚାଳନା କାମ କରିପାରି ନାହିଁ । ଏଠାରେ ପୂର୍ବରୁ ମାତ୍ର ଗୋଟିଏ ଆସନରେ ସୀମିତ ଥିବା ଭାଜପା ଏହି ନିର୍ବାଚନରେ ମେଟ୍ରୋମ୍ୟାନ ଇ.ଶ୍ରୀଧରନଙ୍କୁ ମଇଦାନକୁ ଓହ୍ଲାଇ ଶେଷ ମୁହୂର୍ତ୍ତରେ ଯେଉଁ ଚମତ୍କାରର ସ୍ୱପ୍ନ ଦେଖିଥିଲା ତାହା ଧୂଳିସାତ୍ ହୋଇଯାଇଛି । ୮୮ ବର୍ଷୀୟ ଶ୍ରୀଧରନ ପଲକ୍କଡ ଆସନରୁ ୟୁଡିଏଫ୍ ପ୍ରାର୍ଥୀ ଶାଫି ପରମବିଲଙ୍କ ଠାରୁ ୩,୪୮୦ ଖଣ୍ଡ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି । ଫଳରେ କେରଳରେ ପୂର୍ବରୁ ମାତ୍ର ଗୋଟିଏ ଆସନ ଜିତିବରେ ସକ୍ଷମ ହୋଇଥିବା ଭାଜପା ଏଥର ଖାତା ମଧ ଖୋଲିପାରି ନାହିଁ । ଅନ୍ୟପକ୍ଷେ ଭାଜପାର ଇଜ୍ଜତ ବଞ୍ଚାଇଦେଇଛି ଦକ୍ଷିଣ ପୂର୍ବ ରାଜ୍ୟ ଆସାମ । ଏଠାରେ ଭାଜପା ନେତୃତ୍ୱାଧୀନ ଶାସକ ମେଣ୍ଟ ପ୍ରତି ପୁନଃ ଆସ୍ଥା ପ୍ରକଟ କରିଛନ୍ତି ଭୋଟର । କଂଗ୍ରେସ ନେତୃତ୍ୱରେ ଗଠିତ ବିରୋଧୀ ମହାମେଣ୍ଟ ଗୈରିକ ଦଳକୁ ଟକ୍କର ଦେଇଥିଲେ ହେଁ କ୍ଷମତା ହାସଲ ପାଇଁ ଆବଶ୍ୟକ ସଂଖ୍ୟାବଳ ଯୋଗାଡ କରିପାରି ନାହିଁ । ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ଏନ.ରଙ୍ଗାସ୍ୱାମୀଙ୍କ ନେତୃତ୍ୱାଧୀନ ଏଆଇଏନଆରସି ସପକ୍ଷରେ ଜନମତ ଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ଆସନ ଆଡ଼କୁ ଅଗ୍ରସର ହୋଇଛନ୍ତି । ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଘୋଷଣା ଅନୁସାରେ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୮୨୪ ବିଧାନସଭା ଆସନରେ ଭୋଟ ଗ୍ରହଣ ପାଇଁ ବ୍ୟବସ୍ଥା କରାଯାଇଥିଲା । ତେବେ ପଶ୍ଚିମବଙ୍ଗର ସମଶେରଗଞ୍ଜ ଓ ଜାଙ୍ଗିପୁର ଆସନର ୨ ପ୍ରାର୍ଥୀଙ୍କ କୋଭିଡ୍ ମୃତ୍ୟୁ ଯୋଗୁଁ ଉଭୟ ସିଟରେ ମତଦାନକୁ ମେ' ୧୬ କୁ ଘୁଞ୍ଚାଇ ଦିଆଯାଇଥିଲା ।

ଅବଶିଷ୍ଟାଂଶ ୧୧ ପୃଷ୍ଠାରେ

# ନନ୍ଦିଗ୍ରାମରେ ଶୁଭେନ୍ଦୁଙ୍କ ବିଜୟ ପଛରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କୋଲକାତା: ଚଳିତ ନିର୍ବାଚନରେ ପଶ୍ଚିମବଙ୍ଗର ଦୁଇ ଥର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅବିଶ୍ୱାସନୀୟ ଭାବେ ପରାସ୍ତ କରି ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ମମତା ବାନାର୍ଜୀଙ୍କୁ ଧୂଳି ଚଟାଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ବିଜୟର ଶ୍ରେୟ କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଆଯାଇ ପାରେ । ଏଥିପାଇଁ ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପ୍ରଶଂସାର ସୁଅ ଛୁଟିଛି ।

ନନ୍ଦିଗ୍ରାମ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିବା ଠାରୁ ଆରମ୍ଭ କରି ଭୋଟ୍ ଗ୍ରହଣ ପର୍ଯ୍ୟନ୍ତ ଗୁରୁ ଦାୟିତ୍ୱ ସମ୍ଭାଳି ଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର । ନିର୍ବାଚନ ଘୋଷଣା ହେବା ଦିନଠାରୁ ନନ୍ଦିଗ୍ରାମ ନିର୍ବାଚନ ମଣ୍ଡଳୀ ପଶ୍ଚିମବଙ୍ଗ ନିର୍ବାଚନର କେନ୍ଦ୍ରବିନ୍ଦୁ ହୋଇଥିଲା । ଦେଶବାସୀଙ୍କ ନଜର ଏହି ନିର୍ବାଚନ ମଣ୍ଡଳୀ ଉପରେ ଥିଲା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜେ ଏହି ନିର୍ବାଚନମଣ୍ଡଳୀରେ ପ୍ରଚାର ତଥା ରଣନୀତିର ଦାୟିତ୍ୱ ନେଇଥିଲେ । ପ୍ରଥମଦିନରୁ ଶୁଭେନ୍ଦୁ ଅଧିକାରୀଙ୍କୁ ପରେ ବିଶ୍ୱାସ ପ୍ରକଟ କରି ମମତା ବାନାର୍ଜୀଙ୍କ ପରାଜୟ ହେବା ସୁନିଶ୍ଚିତ ବୋଲି ସେ କହିଥିଲେ ।

ପଶ୍ଚିମବଙ୍ଗର ନିର୍ବାଚନ ରଣନୀତିରେ ଲମ୍ବା ସମୟର ଏକମାତ୍ର ବ୍ୟକ୍ତିତ୍ୱ ଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନନ୍ଦିଗ୍ରାମରେ ଅଧାରୁ ଅଧିକ ଦିନ ପ୍ରଚାର କରିଥିଲେ । ପ୍ରଧାନମନ୍ତ୍ରୀ ଗୃହମନ୍ତ୍ରୀ ଅମିତ ଶାହା ଓ ବିଜେପି ସଭାପତି ଜେପି ନଡ୍ଡାଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ସହ ଦାୟିତ୍ୱ ନେଇଥିଲେ । ବିଜେପି ଇଲେକ୍ସନ ୱାରକୁ ଦୈନିକ ଅନ୍ତତଃ ୨ ଥର ଯାଉଥିଲେ । ପଶ୍ଚିମବଙ୍ଗର ବ୍ୟକ୍ତିବିଶେଷ, ସିଆଇଆଇ, ବୁଦ୍ଧିଜୀବୀ, ଶିଳ୍ପ ସମୂହ, ମହିଳାଙ୍କ ସହ ଆଲୋଚନା କରିଥିଲେ । ଯାହାର ସକାରାତ୍ମକ ଫଳାଫଳ ଦେଖିବାକୁ ମିଳିଛି ।

ତଥ୍ୟ ଅନୁଯାୟୀ ବିଜେପି ୨୦୧୬ ରେ ହୋଇଥିବା ବିଧାନସଭା ନିର୍ବାଚନରେ ୧୦.୦୩ ପ୍ରତିଶତ ଭୋଟ ପାଇ ୩ ଟି ସିଟରେ ବିଜୟ ହାସଲ କରିଥିଲା । ୨୦୧୯ ରେ ହୋଇଥିବା ସାଧାରଣ ନିର୍ବାଚନରେ ୪୦.୬ ପ୍ରତିଶତ ଭୋଟ୍ ପାଇ ୧୮ଟି ଲୋକସଭା ଆସନରୁ ବିଜୟ ପକ୍କା କରିଥିଲା । ଚଳିତ ନିର୍ବାଚନରେ ବିଜେପି ୩୮ ପ୍ରତିଶତ ଭୋଟ୍ ହାସଲ କରି ୭୮ ସିଟରେ ବିଜୟ ହାସଲ କରିଛନ୍ତି । ସେହିପରି





୨୦୧୬ ରେ ହୋଇଥିବା ବିଧାନସଭା ନିର୍ବାଚନରେ ନନ୍ଦିଗ୍ରାମ ନିର୍ବାଚନମଣ୍ଡଳୀରୁ ବିଜେପି ମାତ୍ର ୧୦ ହଜାର ୭୧୩ ଭୋଟ୍ ଅର୍ଥାତ୍ ୫.୪୦ ପ୍ରତିଶତ ଭୋଟ ପାଇଥିଲା । ଚଳିତ ନିର୍ବାଚନର ଏହି ଗୁରୁତ୍ୱପୂର୍ଣ୍ଣ ଆସନରେ ଶୁଭେନ୍ଦୁ ଅଧିକାରୀ ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିବା ମମତା ବାନାର୍ଜୀଙ୍କୁ ୧ ଲକ୍ଷ ୯ ହଜାର ୬୭୩ ଭୋଟ ପାଇ ୧୭୬୩ ସଂଖ୍ୟାକ ଭୋଟରେ ପରାସ୍ତ କରିଛନ୍ତି ।

ନନ୍ଦିଗ୍ରାମରେ ମୋଟ ୩୫୫ ବୁଥ ରହିଛି ଏବଂ ମୋଟ ୨ ଲକ୍ଷ ୫୭ ହଜାର ୧୫୬ ଭୋଟର ଅଛନ୍ତି । ଯେଉଁଥିରେ ୧ ଲକ୍ଷ ୩୩ ହଜାର ୨୫୭ ପୁରୁଷ ଭୋଟର ଏବଂ ୧ ଲକ୍ଷ ୨୩ ହଜାର ୮୯୮ ମହିଳା ଭୋଟର ଓ ଜଣେ ତୃତୀୟ ଲିଙ୍ଗ ଭୋଟର ଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩୦ ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଥିଲେ ଏବଂ ଏକାଧିକ ୟାର୍ଡଲି ଏବଂ ଡୋରଟୁ ଡୋର କ୍ୟାମ୍ପେନ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାଗିଥିଲେ ।

ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା ଏକ ସଫଳ ଯୋଜନା ଭାବେ ବିଜେପିକୁ ଅନେକ ନିର୍ବାଚନରେ ମହିଳା ଭୋଟ ହାତେଇବାରେ ସହାୟକ ହୋଇଛି । ନନ୍ଦିଗ୍ରାମରେ ମଧ କେନ୍ଦ୍ରମନ୍ତ୍ରୀ ଅନେକ ମହିଳାଙ୍କୁ ନେଇ ସଭା ସମିତି ଅୟୋଜନ କରିଥିଲେ । ନନ୍ଦିଗ୍ରାମରେ ଶୁଭେନ୍ଦୁ ଅଧିକାରୀଙ୍କୁ ବିଜୟୀ କରିବାରେ ମହିଳା ଭୋଟରଙ୍କର ବଡ଼ ଭୂମିକା ରହିଥିବା ସାବ୍ୟସ୍ତ ହୋଇଛି ।

ଉଲ୍ଲେଖଯୋଗ୍ୟ ଯେ ଏହି ଆସନରେ ହୋଇଥିବା ଲଢ଼େଇ ଉପରେ ସମସ୍ତଙ୍କ ନଜର ନିବଦ୍ଧ ରହିଥିଲା । ଏକଦା ମମତାଙ୍କ ଅତ୍ୟନ୍ତ ଘନିଷ୍ଠ ରହିଥିବା ଏମଂ ମନ୍ତ୍ରିମଣ୍ଡଳରେ ସାମିଲ ରହିଥିବା ଶୁଭେନ୍ଦୁ ନିର୍ବାଚନ ପୂର୍ବରୁ ମମତାଙ୍କ ହାତ ଛାଡି ବିଜେପିରେ ସାମିଲ ହେବା ସହିତ ନନ୍ଦିଗ୍ରାମରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ହେଲେ ଏହାକୁ ଚାଲେଞ୍ଜ କରି ମମତା ନିଜ ନିର୍ବାଚନ ମଣ୍ଡଳୀ ଭବାନୀପୁରଛାଡିଶୁଭେନ୍ଦୁଙ୍କୁଟକ୍କରଦେବାକୁନନ୍ଦିଗ୍ରାମରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଉଭୟଙ୍କ ମଧରେ କଡା ଟକ୍କର ହୋଇଥିଲା ବେଳେ ଏହି ଆସନରୁ ବିଜୟୀ ହେବା ମମତାଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିଲା । ତେବେ ଏହି ନିର୍ବାଚନ ମଣ୍ଡଳୀରେ ଶୁଭେନ୍ଦୁଙ୍କ ଦବଦବା ରହିଥିଲା ବେଳେ ମମତାଙ୍କ ବିଜୟ ହେବା ନେଇ ମଧ ଆଶଙ୍କା ରହିଥିଲା । ଶୁଭେନ୍ଦୁ ମମତାଙ୍କୁ ୫୦ ହଜାର ବ୍ୟବଧାନରେ ହରାଇବେ ବୋଲି କହିଥିଲା ବେଳେ ସାଧାରଣ ଭୋଟରଙ୍କ ଠାରୁ ଆରମ୍ଭ କରି ରାଜନେତା ଏବଂ ଦଳୀୟ କର୍ମୀଙ୍କ ଦୃଷ୍ଟି ଏହି ଆସନ ଫଳାଫଳ ଉପରେ ଲାଗି ରହିଥିଲା । ତେବେ ବିଜେପି ନିର୍ବାଚନ ମଇଦାନରେ ପରାଜିତ ହୋଇଥିଲେ ହେଁ ଶୁଭେନ୍ଦୁଙ୍କ ବିଜୟ ଦଳ ପାଇଁ କିଛିଟା ଆଶ୍ୱସ୍ତି ଆଣି ଦେଇଛି ।

ମମତା ବାନାର୍ଜୀ କେବଳ ଗୋଟିଏ ଆସନ ନନ୍ଦିଗ୍ରାମରୁ ନିର୍ବାଚନ ଲଢ଼ିଥିଲେ ।

# ପ୍ରଣବ କୁମାର ପଟେଲ୍ ଏମ୍‌ସିଏଲର ନୂଆ ସିଭିଓ

ବୁର୍ଲା : ଗତ ପ୍ରାୟ ଦେଢ଼ବର୍ଷ ହେବ ଖାଲି ପଡିଥିବା ମହାନଦୀ କୋଲଫିଲଡ ଲିମିଟେଡର ମୁଖ୍ୟ ସତର୍କତା ଅଧିକାରୀ ପଦବୀ ଇତି ମଧରେ ପୂରଣ ହୋଇଛି । ପ୍ରଣବ କୁମାର ପଟେଲ ଏମସିଏଲର ନୂଆ ସି.ଭି.ଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ମୁନାୱର ଖୁର୍ସିଦ ଗତ ୨୦୧୯ ମସିହା ଅଗଷ୍ଟ ମାସରେ ଏହି ପଦବୀରୁ ଅବ୍ୟାହତି ନେବା ପରେ ତାଙ୍କ ସ୍ଥାନରେ ଏସଇସିଏଲର ସିଭିଓ ବି.ପି. ଶର୍ମା ତାଙ୍କ ଦାୟିତ୍ୱ ସହ ଏହି ପଦବୀର ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ । ସୁନ୍ଦରଗଡ଼ ଜିଲ୍ଲାର ମୂଳବାସିନ୍ଦା ଭାରତୀୟ ରେଳ ସେବାର ଅଧିକାରୀ ଶ୍ରୀ ପଟେଲ ଏମସିଏଲର ନବମ ସିଭିଓ ଭାବେ ନିଯୁକ୍ତ ହୋଇଛନ୍ତି । ଆରଇସି ରାଉରକେଲାରୁ ବିଟେକ୍ ଓ ଆଇଆଇଟି ଖଡଗପୁରରୁ ଏମ୍.ଟେକ ଡିଗ୍ରୀ ପରେ ଶ୍ରୀ ପଟେଲ ଭାରତୀୟ ରେଳବାଇରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଛନ୍ତି । ସେ ମଧ ୪ ବର୍ଷ ଧରି ପୂର୍ବତଟ ରେଳବାଇର ଉପମୁଖ୍ୟ ସତର୍କତା ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ ।



# ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟସଭା ଆବେଦନ ସମିତି ଅଧ୍ୟକ୍ଷ

ନୂଆଦିଲ୍ଲୀ: ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଦ୍ୱିତୀୟ ଥର ଲାଗି ରାଜ୍ୟସଭା ଆବେଦନ ସମିତି ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ରାଜ୍ୟସଭା ସଚିବାଳୟ ତରଫରୁ ଘୋଷିତ ୧୦ ଜଣିଆ ଆବେଦନ ସମିତି ତାଲିକାରେ ଓଡ଼ିଶାରୁ ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି । ଏହା ବ୍ୟତୀତ ନୀତି ସମିତିର ସଦସ୍ୟ ଭାବେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ମନୋନୀତ ହୋଇଛନ୍ତି ।



## ଏ ସଂଖ୍ୟାରେ..



ଶରୀର ପାଇଁ ଭଲ ଦହି



ଆଖୁରସର ଔଷଧୀୟ ଗୁଣ



ଶିଶୁଙ୍କ ପାଇଁ ଡାଲି



ବହୁ ଉପକାରୀ ନଡିଆ



ବିଟ୍‌ର ଉପକାରିତା

## ରାଜ୍ୟରେ ପ୍ରଥମ ଭାସମାନ ସୌର ବିଦ୍ୟୁତ ପ୍ଲାଣ୍ଟ ହୀରାକୁଦରେ ହେବ

ସମ୍ବଲପୁର : ଖୁବଶୀଘ୍ର ରାଜ୍ୟର ପ୍ରଥମ ଭାସମାନ ସୌର ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ହୀରାକୁଦ ଜଳଭଣ୍ଡାର ଠାରେ ଏହା ପ୍ରତିଷ୍ଠା ହେବାକୁ ସ୍ଥିର ହୋଇଥିବା ବେଳେ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରସ୍ତାବିତ ସ୍ଥାନର ଜିଓଟେକ୍ନିକାଲ ଓ ଜିଓଫିଜିକାଲ ସର୍ଭେ ପାଇଁ ବେଙ୍ଗାଲୁରୁର ଏଞ୍ଜେନ ଗ୍ଲୋବାଲ ସଲ୍ୟୁସନକୁ ବିଶ୍ୱ ବ୍ୟାଙ୍କ ପକ୍ଷରୁ ଚୟନ କରାଯାଇଛି । ସୋଲାର ଏନର୍ଜି କର୍ପୋରେସନ ଅଫ୍ ଇଣ୍ଡିଆ ପକ୍ଷରୁ ଏନେଇ ରାଜ୍ୟ ଜଳ ସମ୍ପଦ ବିଭାଗକୁ ଚିଠି ଲେଖାଯିବା ସହ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ସର୍ଭେ ସମ୍ପର୍କରେ ସୂଚନା ଦିଆଯାଇଥିଲା । ତେଣୁ ଉକ୍ତ ସଂସ୍ଥାକୁ ସର୍ଭେ ପାଇଁ ଅନୁମତି ଦେଲେ ପ୍ରକଳ୍ପ କାର୍ଯ୍ୟ ଆଗକୁ ଆଗେଇ ପାରିବ ବୋଲି ଏସଇସିଆଇ ପକ୍ଷରୁ ଚିଠିରେ ଉଲ୍ଲେଖ ରହିଥିଲା । ଏସଇସିଆଇର ଉପରୋକ୍ତ ଅନୁରୋଧ ଉପରେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ଶକ୍ତି ବିଭାଗକୁ କୁହାଯାଇଛି ।

ଓଡ଼ିଶାରେ ଭାସମାନ ସୌର ବିଦ୍ୟୁତ ପ୍ଲାଣ୍ଟ ପୂର୍ବରୁ ଆଦୌ ନ ଥିବା ବେଳେ ହୀରାକୁଦରେ ଏ ଧରଣର ପ୍ରଥମ ପ୍ଲାଣ୍ଟ ପ୍ରତିଷ୍ଠା ହେବାକୁ ଯାଉଛି । ଗତ ୨୦୨୦ ମସିହା ଅଗଷ୍ଟ ମାସରେ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ବୈଠକରେ ହୀରାକୁଦ ଏବଂ ଚିପିଲିମା ଠାରେ ଉପରୋକ୍ତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଲୋଚନା କରାଯାଇଥିଲା । ପରେ ଏସଇସିଆଇ ଉପରୋକ୍ତ ଦୁଇ ସ୍ଥାନରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଏସଇସିଆଇକୁ ମଧ୍ୟ ଜେଡକଲ ପକ୍ଷରୁ ଏନଓସି ମିଳିଥିଲା । ତେବେ ଏସଇସିଆଇ ପକ୍ଷରୁ କରାଯାଇଥିବା ପ୍ରାଥମିକ ଅନୁସନ୍ଧାନରେ ଚିପିଲିମା ଠାରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଅଭାବ ଥିବା ଜଣାପଡ଼ିଥିଲା । ଫଳସ୍ୱରୂପ ବର୍ତ୍ତମାନ କେବଳ ହୀରାକୁଦ ଠାରେ ହିଁ ପ୍ଲାଣ୍ଟ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରାଯାଉଛି । ଏହା ସଫଳ ହେଲେ ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟ ଜଳଭଣ୍ଡାରରେ ଏପରି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି ଜଣାପଡ଼ିଛି ।

ରାଜ୍ୟରେ ୨୦୨୨ ସୁଦ୍ଧା ୧୫୦୦ ମେଗାୱାଟ ସୌରଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଓରେଡା ଏବଂ ଜେଡକଲ ପକ୍ଷରୁ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି । ସୂଚନାଯୋଗ୍ୟ ଯେ ତେଲେଙ୍ଗାନାରେ ୪୫୦ ଏକର ପରିବିଶିଷ୍ଟ ଅଞ୍ଚଳରେ ଦେଶର ବୃହତ୍ତମ ଭାସମାନ ସୌର ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି । ମୋଟ ୪୨୩ କୋଟି ଟଙ୍କାରେ ଏହି ପ୍ଲାଣ୍ଟ ପ୍ରସ୍ତୁତ ହୋଇଥିବା ବେଳେ ଏଥିରୁ ୧୦୦ ମେଗାୱାଟ ସୌରଶକ୍ତି ଉତ୍ପାଦିତ ହେବ । ଅନ୍ୟ ପକ୍ଷରେ ୨୦୨୦-୨୩ ସୁଦ୍ଧା ମଧ୍ୟ ପ୍ରଦେଶ ଅନ୍ତର୍ଗତ ନର୍ମଦା ନଦୀ ଉପରେ ଦେଶ ତଥା ବିଶ୍ୱର ବୃହତ୍ତମ ଭାସମାନ ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଏଥିରୁ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦିତ ହେବ । ବିଭିନ୍ନ ଦୃଷ୍ଟିରୁ ଏହି ଭାସମାନ ସୌର ପ୍ଲାଣ୍ଟ ବେଶ୍ ଉପଯୋଗୀ ହୋଇଥିବା ବେଳେ ଏହାଦ୍ୱାରା ଜଳ ସଂରକ୍ଷଣ ସହ ଖୁବ୍ କମ୍ ଖର୍ଚ୍ଚରେ ବିଦ୍ୟୁତ୍ ଉତ୍ପାଦନ ସମ୍ଭବ ହୋଇପାରୁଛି ।

## ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ ପରଲୋକ

ସମ୍ବଲପୁର : ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ଓ ଶ୍ରୀ ଅରବିନ୍ଦ ଦର୍ଶନର ମହାନ ପ୍ରବକ୍ତା ପଦ୍ମଭୂଷଣ ମନୋଜ ଦାସ ଇହଜଗତରେ ଆଉ ନାହାନ୍ତି । ପୁଡୁଚେରି ସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମ ସ୍ଥିତ ନର୍ସିଂହୋମରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ତାଙ୍କୁ ୮୭ ବର୍ଷ ହୋଇଥିଲା । ଫକିର ମୋହନ ସେନାପତି ଓ ଗୋପୀନାଥ ମହାନ୍ତିଙ୍କ ପରେ ଓଡ଼ିଆ କଥା ସାହିତ୍ୟର ସମୃଦ୍ଧି ଓ ଅଭିବୃଦ୍ଧିରେ ଯେଉଁ ମହାନ ସାରସ୍ୱତ ସ୍ରଷ୍ଟାଙ୍କ ଅନନ୍ୟ ଅବଦାନ ରହିଛି, ସେମାନଙ୍କ ମଧ୍ୟରେ ପ୍ରଫେସର ଦାସଙ୍କ ନାମ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ।

ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ରହି ଚିକିତ୍ସାଧୀନ ଥିଲେ । ପ୍ରଫେସର ଦାସଙ୍କୁ ସମକାଳର ବିଶ୍ୱର ଅନ୍ୟତମ ମହାନ ସାରସ୍ୱତ ସ୍ରଷ୍ଟା ଭାବେ ବିବେଚନା କରାଯାଇଥାଏ । ଓଡ଼ିଶାର ଦ୍ୱିଭାଷିକ ଲେଖକ ଭାବେ ବିଶ୍ୱରେ ପ୍ରସିଦ୍ଧ ଲାଭ କରିଥିବା ଲେଖକଙ୍କ ମଧ୍ୟରେ ସେ ଅସାଧାରଣ । ମିଥ୍ ଓ କିମ୍ବଦନ୍ତୀର ପୁନଃକଥନରେ ତାଙ୍କର ଅସାଧାରଣ କୃତିତ୍ୱ ଯୋଗୁଁ ତାଙ୍କୁ ଆଧୁନିକ ଯୁଗର ବିଷ୍ଣୁ ଶର୍ମା ଭାବେ ଅଭିହିତ କରାଯାଇଥାଏ । କବିଗୁରୁ ରବୀନ୍ଦ୍ର ନାଥ ଟାଗୋରଙ୍କ ପରେ ବିଶ୍ୱ ସାହିତ୍ୟକୁ ଭାରତୀୟ ସଂସ୍କୃତି,



ଐତିହ୍ୟ ଓ ପରମ୍ପରାର ଯଥାର୍ଥ ପ୍ରତିନିଧି ବିବେଚନା କରାଯାଇଥାଏ । କେନ୍ଦ୍ର ସାହିତ୍ୟ ଏକାଡେମୀ, ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ଶାରଳା ପୁରସ୍କାର, ସରସ୍ୱତୀ ସମ୍ମାନ ଠାରୁ ଆରମ୍ଭ କରି ପଦ୍ମଶ୍ରୀ ଓ ପଦ୍ମଭୂଷଣ ପ୍ରଭୃତି ବହୁ ପୁରସ୍କାର ସମ୍ମାନର ଅଧିକାରୀ ସେ । ନିକଟ ଅତୀତରେ ତାଙ୍କର ଗଳ୍ପ ସଙ୍କଳନ 'ମନୋଜ ଦାସଙ୍କ କଥା ଓ କାହାଣୀ' ଚୀନ, ଋଷ ଓ ଇଂରାଜୀ ଭାଷାରେ ଅନୁଦିତ ହୋଇ ପ୍ରକାଶ ପାଇଛି । କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ କେବଳ ଦଶଟି ଭାରତୀୟ ଭାଷାରେ ଦଶଜଣ ମହାନ ସାରସ୍ୱତ ସ୍ରଷ୍ଟାଙ୍କ ପୁସ୍ତକ ଭିତରେ ପ୍ରଫେସର ଦାସଙ୍କ ଏହି ପୁସ୍ତକ ପ୍ରକାଶ ପାଇଛି । ଶ୍ରେଷ୍ଠ ଦଶଜଣ ଭାରତୀୟ କୃତି ମଧ୍ୟରେ ମନୋଜଙ୍କ କୃତୀ ଅନୁଦିତ ହୋଇଥିବାରୁ ଏହା ତାଙ୍କ ପାଇଁ ଏକ ବିରଳ ସ୍ୱୀକୃତି ଥିଲା ।

ମନୋଜ ଦାସଙ୍କ ଜନ୍ମ ୧୯୩୪ ଫେବୃଆରୀ ୨୭ରେ ବାଲେଶ୍ୱର ଜିଲ୍ଲା ସୀମାନ୍ତବର୍ତ୍ତୀ ସମୁଦ୍ରକୂଳସ୍ଥ ଭୋଗରାଇ ବ୍ଲକର ଶଙ୍ଖାରି ଗ୍ରାମରେ ହୋଇଥିଲା । ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀ । ୧୯୪୯ ରେ ତାଙ୍କର ପ୍ରଥମ କବିତା ସଙ୍କଳନ 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶିତ ହୋଇଥିଲା । ୧୯୫୦ ରେ 'ଦିଗନ୍ତ' ପତ୍ରିକାର ସମ୍ପାଦନା ହାତକୁ ନେଇଥିଲେ । ୧୯୫୨ ରେ ପ୍ରଥମ ଗଳ୍ପ ସଙ୍କଳନ 'ସମୁଦ୍ରର କ୍ଷୁଧା' ପ୍ରକାଶ ପାଇଥିଲା । ୧୯୬୩ ରୁ ସେ ପଣ୍ଡୁଚେରୀରେ ଅବସ୍ଥାନ କରିଆସୁଥିଲେ । ୧୯୬୫ ରେ 'ଆରଣ୍ୟକ' ଗଳ୍ପ ସଙ୍କଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୭୨ ରେ କଥା ଓ କାହାଣୀ ଗଳ୍ପ ସଙ୍କଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୮୫-୮୯ ବିଖ୍ୟାତ ଇଂରାଜୀ ମାସିକ ସାହିତ୍ୟ ସଂସ୍କୃତି ପତ୍ରିକା 'ଦ ହେରିଟେଜ'ର ସମ୍ପାଦନା କରିଥିଲେ । ୨୦୦୧ ରେ ଭାରତ ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ଦ୍ୱାରା 'ପଦ୍ମଶ୍ରୀ' ସମ୍ମାନ, କେକେ ବିରଳା ଫାଉଣ୍ଡେସନ ପକ୍ଷରୁ 'ଅମୃତଫଳ' ଉପନ୍ୟାସ ପାଇଁ 'ସରସ୍ୱତୀ ପୁରସ୍କାର' ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ 'ଉତ୍କଳରତ୍ନ' ଉପାଧିରେ ଭୂଷିତ । ୨୦୦୬ ରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଫେଲୋସିପ୍' ଲାଭ କରିଥିଲେ । ୨୦୧୩ ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ଓ ଅମୃତକୀର୍ତ୍ତି ପୁରସ୍କାର, ବେଦବ୍ୟାସ ସମ୍ମାନ ଲାଭ କରିଥିଲେ । ୨୦୨୦ ରେ ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ସୁବାସ ସାହାରେଙ୍କ ପରଲୋକ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜଣେ ଜଣାଶୁଣା ସମାଜସେବୀ ସୁବାସ ସାହାରେଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା । ସାହାରେ 'ମାନବ ସେବା ସଂଘ' ନାମରେ ଏକ ସଂଗଠନ କରି ତାର ସଭାପତି ଥିଲେ । ଅସହାୟ ଓ ଅନାଥ ଲୋକଙ୍କ ମୃତ ଦେହକୁ ସେ ସମ୍ମାନର ସହିତ ଦାହ ସଂସ୍କାର କରୁଥିଲେ । ପ୍ରାୟ ୫୦ ରୁ ଅଧିକ ମୃତଦେହକୁ ସେ ତାଙ୍କ ସଂଗଠନ ମାଧ୍ୟମରେ ଅନ୍ତିମ ସଂସ୍କାର କରିଥିଲେ । ଦୁଃଖରେ ଥିବା



ଅସହାୟ ମଣିଷଙ୍କ ପାଖକୁ ସେ ପହଞ୍ଚ ଯାହା କିଛି ସମ୍ଭବ ଆର୍ଥିକ ସହାୟତା କରୁଥିଲେ । ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା, ଶୀତକାଳରେ ପଡ଼ିଥିବା ଗରିବ ଲୋକଙ୍କୁ କମ୍ବଳ, ପ୍ରଚଣ୍ଡ ଖରାରେ କାମ କରୁଥିବା ଠେଲାବାଲା, ରିକ୍ସାବାଲା, ଟ୍ରାଫିକ କର୍ମଚାରୀଙ୍କୁ ଗାମୁଛା, ଛତା, ଥଣ୍ଡାପାଣି ବୋତଲ, ବୃଦ୍ଧବୃଦ୍ଧାଙ୍କୁ ଲୁଗା, ଚପଲ ପ୍ରଦାନ କରୁଥିଲେ । ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସିଲେଇ ମେସିନ, ଡାକ୍ତରଖାନାରେ ରୋଗୀଙ୍କୁ ସେବା କରିବା ପାଇଁ ଆର୍ଥିକ ସାହାଯ୍ୟ ସହିତ ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରି ପାରୁ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ହସ ଦେଖିବାକୁ ପ୍ରୟାସ କରୁଥିଲେ । ପ୍ରଚାର ପ୍ରସାର ଠାରୁ ଦୁରେଇ ରହି ସେ ମାନବ ସେବାକୁ ନିଜର ଧର୍ମ କରିଥିଲେ ।

## ଶରୀରରେ ଯନ୍ତ୍ରଣା ହେଲେ ପେନକିଲର ଖାଆନ୍ତୁ ନାହିଁ

ନୂଆଦିଲ୍ଲୀ : ଭାରତରେ କରୋନା ମାମଲା ଲଗାତର ବଢ଼ି ଚାଲିଥିବା ବେଳେ ଇଣ୍ଡିଆନ କାଉନସିଲ ଫର ମେଡିକାଲ ରିସର୍ଚ୍ଚ ପକ୍ଷରୁ ଏବେ ଲୋକମାନଙ୍କୁ କିଛି ପରାମର୍ଶ ଦିଆଯାଇଛି । ସେଥିରେ କୁହାଯାଇଛି ଯେ ଶରୀରରେ ଯନ୍ତ୍ରଣା, ଜ୍ୱର ହେଲେ ପେନକିଲର ଠାରୁ ଦୁରେଇ ରୁହନ୍ତୁ । ଇବୁପ୍ରୋଫେନ ଭଳି କିଛି ପେନକିଲର କରୋନାର ଗମ୍ଭୀରତାକୁ ବୃଦ୍ଧି କରିଥାଏ । ହୃଦରୋଗୀଙ୍କ ପାଇଁ କ୍ଷତିକାରକ ହୋଇଥିବା ଏହି ଔଷଧ କିଡନି ସମସ୍ୟାକୁ ବି ବୃଦ୍ଧି କରେ ।

ଆଇସିଏମଆର ପକ୍ଷରୁ ଆହୁରି କୁହାଯାଇଛି ଯେ, ଏନଏସଆଇଡି ଆଣ୍ଟି ଇନଫ୍ଲାମେଟୋରୀର ତୁରନ୍ତ ବ୍ୟବହାରକୁ ଏଡାଇ ଯାଆନ୍ତୁ । ଲୋକମାନେ ପ୍ରାୟତଃ ଜ୍ୱର ଆସିଲେ କିମ୍ବା ଶରୀରରେ କୌଣସି ପ୍ରକାର ଯନ୍ତ୍ରଣା ହେଲେ ଏପରି ଔଷଧକୁ ଖାଇଥାନ୍ତି । ଏଭଳି ସ୍ଥିତିରେ କେବଳ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହି ଔଷଧ ଖାଆନ୍ତୁ । ଅତି ଜରୁରୀ ଥିଲେ ପାରାସିଟାମଲ ଖାଇପାରିବେ । ଏହା ସବୁଠୁ ସୁରକ୍ଷିତ ଯନ୍ତ୍ରଣା ନିବାରକ ଔଷଧ ମଧ୍ୟରୁ ଅନ୍ୟତମ ।

## ରେଢ଼ାଖୋଲରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଉଦ୍‌ଘାଟିତ

ସମ୍ବଲପୁର : ରେଢ଼ାଖୋଲ ଠାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କୋର୍ଟ ଉଦଘାଟିତ ହୋଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଏସ୍.ମୁରଲୀଧର ଭର୍ଚ୍ଚୁଆଲ ମୋଡରେ କୋର୍ଟର ଉଦଘାଟନ କରିଥିଲେ । ସମ୍ବଲପୁର ଜିଲ୍ଲା ଦାୟିତ୍ୱରେ ଥିବା ଜଷ୍ଟିସ ଡ.ବି.ଆର ଷଡ଼ଙ୍ଗୀ ଯୋଗଦେଇ ରେଢ଼ାଖୋଲରେ ଏହି କୋର୍ଟ ଖୋଲିବାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ଜଜ୍ ବିରଞ୍ଚି ନାରାୟଣ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ରେଢ଼ାଖୋଲ ଓକିଲ ସଂଘ ସଭାପତି ଗଣେଶ୍ୱର ପ୍ରଧାନ ମୁଖ୍ୟ ବିଚାରପତିଙ୍କୁ ଓକିଲ ସଂଘ ଓ ଜନସାଧାରଣଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ । ଉଦଘାଟନୀ ଉତ୍ସବରେ ରେଢ଼ାଖୋଲରେ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦୀପ୍ତିପ୍ରକାଶ ବ୍ରହ୍ମା, ସବ୍‌ଜଜ୍ ଅପୂର୍ବା ଚୌଧୁରୀ, ଏସଡିଜେଏମ ଅଞ୍ଜଳି ମଛଖଣ୍ଡ, ସମ୍ବଲପୁର କୋର୍ଟ ମ୍ୟାନେଜର ଗୁରୁଜିତ ମିଶ୍ର ଜିଲ୍ଲା ଓକିଲ ସଂଘ ସଭାପତି ଡକ୍ଟର ପ୍ରମୋଦ ରଥ, ବରିଷ୍ଠ ଆଇନଜୀବୀ ରାଜ କିଶୋର ପ୍ରଧାନ, ବିଜିତେନ୍ଦ୍ର ପ୍ରଧାନ, ଶିବ ପ୍ରସାଦ ପ୍ରଧାନ, ସରକାରୀ ଓକିଲ ଅଶୋକ ସେନାପତି, ନାରାୟଣ ତ୍ରିପାଠୀ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ତହସିଲଦାର ରୁବି ବେହେରା, ଏସଡିପିଓ ହାଡିବନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ରେଢ଼ାଖୋଲ ଓକିଲ ସଂଘ ସମ୍ପାଦକ ଉମାକାନ୍ତ ମହାନନ୍ଦ ଧନ୍ୟବାଦ ଦେଇଥିଲେ ।

# ଭାଗବତ

## ଅକ୍ରୁରଙ୍କ ଆଗମନ

ସତକର୍ମ କରିବାପରେ ନନ୍ଦ ଶୋଇଯାଇଥିଲେ । ସେତେବେଳେ ଅଜଗର ତାଙ୍କୁ ଗିଳିବାକୁ ଆରମ୍ଭ କରିଦେଲା । ଏହାର ତାତ୍ପର୍ଯ୍ୟ ଆମେ ବୁଝିବା ଉଚିତ୍ । ସତକର୍ମ କରିବା ପରେ ସଦା ଜାଗ୍ରତ ରହିବା ଉଚିତ । ସତକର୍ମ କରିବା ପରେ ଲୋକମାନେ ଆତ୍ମପ୍ରଶଂସା, ପ୍ରମାଦ, ନିଷ୍କ୍ରିୟତାରେ ନିମଗ୍ନ ହୋଇଯାଆନ୍ତି । ସେତେବେଳେ ଅଭିମାନ ରୂପୀ ଅଜଗର ଗିଳିବା ଆରମ୍ଭ କରିଦିଏ । ରାତିରେ ଉଜାଗର ରହିବାର ଅର୍ଥ ନିଜେ କିଛି କରିନାହିଁ ବୋଲି ଅନୁଭବ କରିବା, ଭାବିବା ଉଚିତ । ଯଦି ଜଣେ ସତକର୍ମ କରିଦିଏ ତେବେ ସେ ଅନୁଭବ କରିବା ଉଚିତ ଯେ ଏହା ଥିଲା ତା ପ୍ରତି ଭଗବାନଙ୍କର କୃପା । ଭଗବାନଙ୍କ କୃପାଲାଭକରି ଆମେ କିଛି ସତକର୍ମ କରିବାକୁ କ୍ଷମସମ୍ପନ୍ନ ହୋଇପାରିଛେ ବୋଲି ଯେ ଅଭିମାନ ତ୍ୟାଗ କରି ଆତ୍ମ ସମର୍ପଣ ଭାବର ସହିତ ଭାବ ଭାବେ ସେ ହିଁ ଭଲ ହୋଇପାରେ । ପ୍ରଭୁ ହିଁ ତାକୁ ନିମିତ୍ତ କରି ସତକର୍ମ କରିଥାନ୍ତି ।

ସୁଦର୍ଶନ ବିଦ୍ୟାଧର ଅଧ୍ୟାୟ ପରେ ଭାଗବତର ପରବର୍ତ୍ତୀ ପ୍ରସଙ୍ଗ ଶଙ୍ଖଚୁଡ ବଧ ଆସିଥାଏ । ଶଙ୍ଖଚୁଡ଼ ଏକ ପକ୍ଷ । ସେ କୁବେରଙ୍କର ଅନୁଚର । ସେଦିନ ସନ୍ଧ୍ୟାରେ କୃଷ୍ଣ ବଳରାମ ନିଜ ନିଜ ତାଳ ଲୟରେ ସୁନ୍ଦର ଗୀତଗାତ କରୁଥିଲେ । ଏହି ସମୟର ସୁଯୋଗ ନେଇ ଶଙ୍ଖଚୁଡ ଗୋପୀମାନଙ୍କୁ ବଣ ଭିତରକୁ ହରଣ କରିନେଲା । ଗୋପୀମାନେ ଚିତ୍କାର କଲେ । କୃଷ୍ଣ ସହସା ଶଙ୍ଖଚୁଡ଼କୁ ବଧ କରି ଗୋପୀଙ୍କୁ ଉଦ୍ଧାର କରିଥିଲେ ।

ଗୋପୀମାନେ ରାତିରେ ଶ୍ରୀକୃଷ୍ଣଙ୍କ ସହିତ ରାସଲୀଳା କରୁଥିଲେ ଏବଂ ଦିନରେ ଶ୍ରୀକୃଷ୍ଣ ଲୀଳାରେ ଲୀନ ରହୁଥିଲେ । ଯୁଗଳଗୀତ ଓ ବେଣୁଗୀତର ଭାବ ସମାନ ।

ମଣିଷ ଯେତେବେଳେ ଏକାକୀ ଗୋଟିଏ ଜାଗାରେ ବେକାର ବସି ରହେ ସେତେବେଳେ ତା ମନରେ ନାନା ପାପ ପଶେ । ବେକାର ଏକାକୀ ବସିବା ସମୟ ହେଉଛି, ରାତି । ରାତିରେ ତେଣୁ ଜପ କରିବା ଉଚିତ । ନିବୃତ୍ତି ସମୟରେ ମନକୁ କାମସୁଖ, ଦ୍ରବ୍ୟ ଆଦି ଆଡ଼କୁ ଯିବାକୁ ନ ଦେବା ଉଚିତ ।

ମନ ଗୋଟିଏ ଚଞ୍ଚଳ ମାଙ୍କଡ଼ ଭଳି । ଏକାକୀ ବସିବାର ସୁଯୋଗ ପାଇବା ମାତ୍ରେ ମନ ଡିଆଁକୁଦା କରିବା ଆରମ୍ଭ କରିଦିଏ । ମନକୁ ତେଣୁ ସବୁ ସମୟରେ ସତକର୍ମ ଓ ଶୁଭ ଚିନ୍ତନରେ ଲଗାଇ ରଖିଥିବା ଉଚିତ । ମନକୁ ଯଦି ଏପରି ଶୁଭ ଚିନ୍ତନରେ ବା କୌଣସି ପ୍ରକାର ସତକର୍ମରେ ଲଗାଇ ନ ରଖି, ତେବେ ସାମାନ୍ୟମାତ୍ର ସୁଯୋଗ ପାଇବାକ୍ଷଣି ତାହା ଅନ୍ୟ ଦିଗକୁ ଦୌଡିବାରେ ଲାଗିଯିବ । ତେଣୁ ଆମେ ସବୁସମୟରେ ଭଗବାନଙ୍କ ସ୍ମରଣ ଓ ସତକାର୍ଯ୍ୟରେ ଲାଗି ରହିଥିବା ଉଚିତ ।

ଜଣେ ବ୍ରାହ୍ମଣର ପତ୍ନୀର ମୃତ୍ୟୁ ହୋଇଯିବାରୁ ସେ ବିଚରା ଖୁବ୍ ଦୁଃଖ କରିବାରେ ଲାଗିଲା । ଘରେ ଛୋଟ ପିଲାଟିଏ ଛଡ଼ା ଆଉ ତାର କେହି ହେଲେ ନ ଥିଲେ । ଦିନେ ସେ ନିଜର ଦୁଃଖ ତାର ଜଣେ ସାଙ୍ଗଙ୍କୁ କହିଲା । ସାଙ୍ଗ ତାକୁ ଭୂତ ପ୍ରସନ୍ନ କରିବା ମନ୍ତ୍ର ଶିଖାଇଦେଲା । ବ୍ରାହ୍ମଣ ମନ୍ତ୍ର ଜପ କରି ଭୂତକୁ ପ୍ରସନ୍ନ କରିଦେଲା ।

ଭୂତ ପ୍ରସନ୍ନ ହେବାରୁ କହିଲା, ମୁଁ ତୁମର ସମସ୍ତ କାମ କରିଦେବି, ହେଲେ ମୋତେ ତୁମେ କେତେବେଳେ ବେକାର ବସିବାର ଯେପରି ସୁଯୋଗ ନଦିଅ । ତୁମେ ଯଦି ମୋତେ କେତେବେଳେ କାମ ନ ଦେଇପାରି ବିଶ୍ରାମ ଦିଅ ତେବେ ମୁଁ ତୁମକୁ ଖାଇଦେବି ।

ଭୂତ ବ୍ରାହ୍ମଣର ସମସ୍ତ କାମ ଅଳ୍ପ ସମୟ ଭିତରେ ସାରି ଦେଉଥାଏ । ବେକାର ହୋଇଗଲେ ଭୂତ ତାକୁ ଖାଇଦେବ । ଏପରି ଚିନ୍ତାରେ ପଡି ବ୍ରାହ୍ମଣ ତାର ସେଇ ମିତ୍ରର ପରାମର୍ଶ ଲୋଡିଲା । ମିତ୍ର କହିଲା, ତୁମେ ଅଗଣାରେ ଗୋଟିଏ ବଡ଼ ବାଉଁଶ ପୋତି ଦିଅ । ଆଉ ଭୂତକୁ କୁହ ତୁ ତୋର ସବୁ କାମଧନ୍ଦା ସାରିଦେବା ପରେ ଯେତେବେଳେ ଅବସର ପାଇବୁ ସେଇ ବାଉଁଶ ଉପରକୁ ଉଠୁଥିବୁ ଓ ତଳକୁ ଖସୁଥିବୁ । ଏପରି କହିବା ପରେ ଭୂତ ଜାଣିଗଲା ଯେ ବ୍ରାହ୍ମଣ ତା'ଠାରୁ ଅଧିକ ଚାଲାକ୍ । ସେ ତେଣୁ ଶାନ୍ତ ସୁନା ପିଲା ହୋଇଗଲା ।

ମନ ହିଁ ହେଉଛି ସେହି ଭୂତ ଭଳି । ତାକୁ ଯଦି କାମ ନ ଦିଆଯାଏ ତେବେ ସେ ତୁମକୁ ଖାଇଦେବ । ଯେ ପର୍ଯ୍ୟନ୍ତ ନିଦ ପୁରାମାତ୍ରାରେ ନ ଆସିଛି ସେ ପର୍ଯ୍ୟନ୍ତ ଶଯ୍ୟା ପାଖକୁ ଯିବା ଉଚିତ ନୁହେଁ, ଆଉ ସେ ପର୍ଯ୍ୟନ୍ତ କୌଣସି ନା କୌଣସି ସତକର୍ମରେ ଲାଗି ରହିଥିବା ଉଚିତ ।

ମନର ଚଞ୍ଚଳତା ବିଷୟ ଯେ ଜାଣିପାରେ ତାର ଆତ୍ମ ଦର୍ଶନ ହୋଇଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏକୋ ଦେବୋ ମନଃ ସକ୍ଷୀ ।

ଗୋପୀମାନେ ଦିନ ତମାମ ଘରର କାମରେ ନିଜକୁ ବ୍ୟସ୍ତ ରଖୁଥିଲେ । ଆଉ ରାତିରେ ଏକାଠି ହୋଇ ରାସଲୀଳା କରୁଥିଲେ । ରାସଲୀଳା ପ୍ରସଙ୍ଗ ଚିନ୍ତନ କରୁଥିଲେ, କୀର୍ତ୍ତନ କରୁଥିଲେ । ଧ୍ୟାନ ଏକାକୀ କରାଯାଏ, ହେଲେ କୀର୍ତ୍ତନ ତ ଘରର ସମସ୍ତେ ମିଶି ଏକାଠି କରନ୍ତି । ଲୋକମାନେ ଘରକୁ ସ୍ୱଚ୍ଛ ନିର୍ମଳ ରଖନ୍ତି, ହେଲେ ମନକୁ ସ୍ୱଚ୍ଛ, ନିର୍ମଳ ରଖିବାକୁ ଚେଷ୍ଟା କରନ୍ତି ନାହିଁ । ରାତିରେ ଶୋଇବା ପୂର୍ବରୁ ଘରର ବଡ଼ ସାନମାନେ ଏକାଠି ବସି କିଛି ସମୟ କୀର୍ତ୍ତନ କରିବାପରେ ଶୋଇବାକୁ ଗଲେ ଖୁବ୍ ଭଲକଥା ହୁଅନ୍ତା । ଘର ପବିତ୍ର ହୋଇଯାଆନ୍ତା ।

କଥା କୀର୍ତ୍ତନ ହେଉଛି ଭକ୍ତି ।



କୀର୍ତ୍ତନ ହେଉଛି ତିନି ପ୍ରକାରର । ନାମ କୀର୍ତ୍ତନ, ଗୁଣ କୀର୍ତ୍ତନ ବା ସଂକୀର୍ତ୍ତନ । ଲୀଳା ସଂକୀର୍ତ୍ତନ । ଘରେ ପ୍ରତିଦିନ ସଂକୀର୍ତ୍ତନ ହେବା ଉଚିତ ।

ଆଲୋ ଶଖି । ମୋ କହ୍ନେଇ ବି ଅନେକ ପ୍ରକାର ବଇଁଶୀ ବଜାଇ ପାରେ । ଯେତେବେଳେ ଡାହାଣ ଗାଲ ଆଡକୁ ବଂଶୀ ରଖି ବଜାଏ ସେତେବେଳେ ଗୋପୀମାନେ ତନ୍ମୟ ହୋଇଯାଆନ୍ତି । କହ୍ନେଇ ଯେତେବେଳେ ଆକାଶ ଆଡକୁ କଣେଇ କଣେଇ ଚାହିଁ ବଂଶୀ ବଜାଏ ସେତେବେଳେ ପାତାଳର ନାଗକନ୍ୟାମାନେ ଆତ୍ମବିଭୋର ହୋଇ ଝୁଲିବାରେ ଲାଗନ୍ତି ।

ଦିନର କୃଷ୍ଣଲୀଳାର ବର୍ଣ୍ଣନା ଓ କୀର୍ତ୍ତନ କରି କରି ଗୋପୀମାନେ ବ୍ରହ୍ମସମ୍ବନ୍ଧ ରଖିଥାଆନ୍ତି । ବ୍ରହ୍ମ ସମ୍ବନ୍ଧ ସତତ ରଖିବା ନିମନ୍ତେ ପ୍ରଯତ୍ନବାନ ହେବା ଉଚିତ । ମୁହୂର୍ତ୍ତକ ପାଇଁ ଜଡ଼ବସ୍ତୁ ଆଡ଼କୁ ମନ ଯିବା ଉଚିତ ନୁହେଁ ।

ଏହାପରେ ଆସେ ଅକ୍ରୁରାଗମନ ପ୍ରସଙ୍ଗ । ଦିନେ ନାରଦ କଂସ ଦରବାରରେ ଉପସ୍ଥିତ ହୋଇ କହିଲେ ମୁଁ ଦେଖୁଛି ତୁ ତ ବଡ଼ ବୋକାଟିଏ । ବସୁଦେବ ତୋତେ ବୋକା ବନେଇ ଦେଇଛି । ସେ ତାର ଅଷ୍ଟମ ପୁତ୍ରକୁ ନନ୍ଦଙ୍କ ପାଖରେ ଛାଡି ନନ୍ଦର ଝିଅକୁ ନେଇ ଆସିଛି । ଶ୍ରୀକୃଷ୍ଣ ହେଉଛି ଦେବକୀଙ୍କ ପୁତ୍ର । ଆଉ ବଳରାମ ରୋହିଣୀର । ସେ ଦୁହେଁ ମିଶି ତୋର ଅନେକ ସେବକଙ୍କୁ ମାରି ଦେଇଛନ୍ତି ।

କଂସ ଏପରି କଥା ଶୁଣି ପାଗଳପ୍ରାୟ ହୋଇଗଲା ଆଉ ବସୁଦେବଙ୍କୁ ପ୍ରାଣରେ ମାରିଦେବାକୁ ବାହାରିଲା ।

ଶତ୍ରୁ ଭାବବର୍ଦ୍ଧନକାରୀ କଦାପି ବୈଷ୍ଣବ ହୋଇ ନ ପାରେ ।

ନାରଦ କଥାକୁ ଓଲଟାଇବା ବା ବୁଝାଇବା ବିଦ୍ୟାରେ ମଧ ସିଦ୍ଧହସ୍ତ । କିନ୍ତୁ ଆମେ କଥାକୁ ଅକଥା କୁକଥାରେ ରୂପାନ୍ତରିତ କରିବାରେ ସିଦ୍ଧହସ୍ତ । କଂସକୁ ବୁଝାଇବାକୁ ଯାଇ ନାରଦ କହିଲେ- 'ଅରେ । ବସୁଦେବଙ୍କୁ ମାଇଲେ ତୋର କିଛି ଲାଭ ହେବ କି ? ତୋତେ କିଛି ମିଳିବ କି ? ତୋର କାଳ ତ ହେଉଛନ୍ତି ଶ୍ରୀକୃଷ୍ଣ । ତୁ ଯଦି ବସୁଦେବଙ୍କର ସାମାନ୍ୟ ମାତ୍ର କିଛି କ୍ଷତି କରୁ ତେବେ କୃଷ୍ଣ ଖବର ପାଇଲାମାତ୍ରେ ତୋତେ ସଫା କରିଦେବ । ତୁ ତାଙ୍କୁ ମାରିବା ପାଇଁ ଉପାୟ ଚିନ୍ତା କରିବା ପୂର୍ବରୁ ସେ ତୋତେ ମାରିପକାଇବେ ବରଂ ବସୁଦେବଙ୍କୁ ଭଲରେ ରଖିଥିଲେ, ଆଉ କୃଷ୍ଣ ଏ କଥା ଜାଣିଲେ ତୋର ମୃତ୍ୟୁଯୋଗକୁ କିଛିଦିନ ଘୁଞ୍ଚାଇ ଦେଇପାରେ ।

କଂସ ନାରଦଙ୍କର କଥାର ଗୁରୁତ୍ୱ ବୁଝିଗଲା । ସେ କୃଷ୍ଣଙ୍କୁ ମୃତ୍ୟୁ ମୁଖରେ ପକାଇବା ପାଇଁ ଉପାୟ ଚିନ୍ତା କରିବାରେ ଲାଗିଲା । ବ୍ରାହ୍ମଣମାନେ କଂସକୁ କହିଲେ, 'ରାଜନ୍ ! ଧନୁ ଯଜ୍ଞର ଆୟୋଜନ କରନ୍ତୁ । ଏହି ଯଜ୍ଞରେ ଯଜମାନର ଆୟୁ ବଢ଼େ, ଶତ୍ରୁ ନାଶ ହୁଏ କିନ୍ତୁ ଯଦି ଯଜ୍ଞ ଆରମ୍ଭର ପାଞ୍ଚଦିନ ଭିତରେ କୌଣସି ବିଘ୍ନ ଘଟେ ତେବେ ଯଜମାନ ମରିଯାଏ । ଏହି ସମୟରେ କେତେକ ମଲ୍ଲ କଂସକୁ କହିଲେ, ମହାରାଜ ! ସେଇ ପିଲା ଦୁଇଜଣଙ୍କୁ ଆପଣ ଆଦୌ ଭୟ କରନ୍ତୁ ନାହିଁ, ଧନୁଯଜ୍ଞ ଆରମ୍ଭ କରନ୍ତୁ । ଆମେ ଅଛୁ । ଯଜ୍ଞରକ୍ଷା କରିବୁ । ଆମେ ପରା କାଳର ବି କାଳ । ବାହାପିଆ ଅଞ୍ଚମାନେ ଠିକ୍ ଏହିପରି କଥା କୁହନ୍ତି ।

କଂସ ଯଜ୍ଞ ବାହାନାରେ ପୁତ୍ରମାନଙ୍କ ସହିତ ନନ୍ଦଙ୍କୁ ନିମନ୍ତ୍ରଣ କରିବ ବୋଲି ଯୋଜନା କରି ମଲ୍ଲଙ୍କୁ କହିଲା, ସେମାନେ ଦୁହେଁ ଆସି ମୋ ପାଖରେ ପହଞ୍ଚିବା ପୂର୍ବରୁ ତୁମେମାନେ ସବୁକାମ ସାରି ଦେଇଥିବ । ସେ ଦୁହେଁ ମୋର ପରମଶତ୍ରୁ ।

ବିନାଶକାଳେ ବିପରୀତ ବୁଦ୍ଧି ।

ତେବେ ବଳରାମ କୃଷ୍ଣଙ୍କୁ ଆଣିବା ପାଇଁ କାହାକୁ ପଠାଇବା ଉଚିତ ହେବ ? ହଁ, ଅକ୍ରୁରଙ୍କୁ ପଠାଇଲେ ଠିକ୍ ହେବ । ସେ କଦାପି ବିଶ୍ୱାସଘାତକ ହେବେ ନାହିଁ ।

କହିଲ ଦେଖି କ୍ରୁର ଲୋକ କୃଷ୍ଣଙ୍କୁ କେବେ ଆଣିପାରିବ କି ? କାମସୁଖ ଚିନ୍ତା କରୁଥିବା ଲୋକର ମନ କ୍ରୁର ହୋଇଥାଏ । ଅକ୍ରୁର ହୋଇ ପାଇଲେ କୃଷ୍ଣଙ୍କୁ ସାଙ୍ଗରେ ଆଣି ପାରିବେ । ଯେ କ୍ରୁର ନୁହେଁ ସେ ଅକ୍ରୁର ।

କଂସ ଅକ୍ରୁରଙ୍କୁ ପାଖକୁ ଡାକି କହିଲା, ପୁଜ୍ୟ ! ଆପଣଙ୍କୁ ଗୋଟିଏ କାମ କରିବାକୁ ହେବ । ଶ୍ରୀକୃଷ୍ଣ ହିଁ ଦେବକୀର ଅଷ୍ଟମଗର୍ଭ ପୁତ୍ର ବୋଲି ନାରଦ କହିଗଲେ । ସେ ହେଉଛି ମୋର କାଳ । ମୁଁ ମୋର କାଳକୁ ମାରିବାକୁ ଚାହୁଁଛି । ଆପଣ ନନ୍ଦଙ୍କୁ ଧନୁ ଯଜ୍ଞରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିବାକୁ ଯାଆନ୍ତୁ । ଆଉ କୃଷ୍ଣ ବଳରାମଙ୍କୁ ନିଜ ସାଙ୍ଗରେ ନେଇ ଆସନ୍ତୁ । କିନ୍ତୁ ସାବଧାନ । ଆମେ କୃଷ୍ଣକୁ ମାରିବା ନିମନ୍ତେ ତାକୁ ଆଣୁଛୁ ବୋଲି ଯେପରି କେହି ସାମାନ୍ୟ ମାତ୍ର ଗନ୍ଧ ନ ପାଆନ୍ତି । ମୋର ଏହି ଛୋଟିଆ କାମଟି ଆପଣଙ୍କୁ କରିବାକୁ ହେବ ।

କଂସ ସାକ୍ଷାତ ମୃତ୍ୟୁକୁ ହିଁ ଆମନ୍ତ୍ରଣ କଲା । ମନୁଷ୍ୟ ଡାକିଲେ ମୃତ୍ୟୁ ଅବଶ୍ୟ ଆସିଥାଏ । ମରିବା ପାଇଁ କଂସ ସମ୍ଭବତଃ ଅଧୀର ହୋଇଯାଇଥିଲା, ତେଣୁ ସେ ମୃତ୍ୟୁକୁ ଆମନ୍ତ୍ରଣ କଲା । ଆମେ ଅଧିକ ବର୍ଷ ବଞ୍ଚିବା ପାଇଁ ବା ଶୀଘ୍ର ମରିବା ପାଇଁ କଦାପି ଚିନ୍ତା ଯେପରି ନ କରୁ । ଜୀବନଟି କିଭଳି ସୁରୁଖୁରୁରେ ଅତିବାହିତ ହୋଇଯିବ, ବାସ୍ ସେତିକି ଚିନ୍ତା କଲେ ହେଲା ।

ଦାସ ଗୁରୁଦେବ ବ୍ୟାସଙ୍କର ଖୁବ୍ ସେବା କରୁଥିଲା । ସେ ଦିନେ ଗୁରୁଦେବଙ୍କୁ ପଚାରିଲା, ଗୁରୁଦେବ, ମୁଁ କେବେ ମରିବି ମୋତେ କହିବା ହୁଅନ୍ତୁ । ବ୍ୟାସ କହିଲେ ସେ କଥା ଜାଣି କ'ଣ କରିବୁ ? ସେ ସବୁ କଥାରୁ ତୋତେ କ'ଣ ମିଳିବ ? ଛାଡ଼ ସେ ସବୁ କଥା । କିନ୍ତୁ ଦାସ ନଛୋଡ଼ବନ୍ଦା ।

ଏଥର ଦୁହେଁ ଯମରାଜଙ୍କ ପାଖରେ ପହଞ୍ଚିଲେ । ଯମରାଜ ମଧ ନିଜର ଅସମର୍ଥତା ପ୍ରକାଶ କଲେ । କହିଲେ, ମୋ ମନ୍ତ୍ରୀ ମୃତ୍ୟୁଦେବ କେବଳ ଏହି କଥା କହିପାରିବ । ଚାଲ ତା ପାଖକୁ ଯିବା ।

ଏପରି ସ୍ଥିର କରି ତିନିହେଁ ମୃତ୍ୟୁଦେବ ପାଖକୁ ଚାଲିଲେ । ମୃତ୍ୟୁଦେବ କହିଲେ, ଏହା ତ ପ୍ରାରବ୍ଧ ପ୍ରସଙ୍ଗ । ପ୍ରାରବ୍ଧ କଥା କେବଳ ବିଧାତା କହି ପାରିବେ । ତାଙ୍କ ପାଖକୁ ଯିବା ଚାଲନ୍ତୁ ।

ଚାରିଜଣ ଯାକ ବିଧାତାଙ୍କ ପାଖକୁ ଗଲେ । ବିଧାତା କହିଲେ ଦାସର ପ୍ରାରବ୍ଧ ମୁଁ ଲେଖିଛି । ଦାସ ଯେଉଁଦିନ ବ୍ୟାସ, ଯମରାଜ ଆଉ ମୃତ୍ୟୁଦେବଙ୍କୁ ଧରି ମୋ ପାଖକୁ ଆସିବ ସେଦିନ ତାର ମୃତ୍ୟୁ ହେବ । କାରଣ ଦାସ ହେଉଛି ବ୍ୟାସଙ୍କ ଶିଷ୍ୟ । ବ୍ୟାସଙ୍କ ଶିଷ୍ୟ ହେତୁ ସେ ଯେପରି ନ ମରିବ, ସେଇଥି ପାଇଁ ତାର ମୃତ୍ୟୁ ଭେଦ ମୁଁ ଏହିଭଳି ଲେଖିଥିଲି । ଏବେ ଆଉ ପ୍ରତିକାର ଉପାୟ କିଛି ନାହିଁ । ଆଉ ମାତ୍ର କେତୋଟି କ୍ଷଣ ଭିତରେ ଦାସର ମୃତ୍ୟୁ ହୋଇଯିବ ।

ମୃତ୍ୟୁ କେବେ ହେବ ଆମେ ଚିନ୍ତାକରିବା ଅନାବଶ୍ୟକ । ପ୍ରତ୍ୟେକ କ୍ଷଣରେ ଏହି ଶରୀର ମରୁଛି । ଜିଇବା ମରିବା କଥା ବିଶେଷ ଆଲୋଚନା କରିବା ଉଚିତ ନୁହେଁ । ଆମ ହାତରେ ସାମାନ୍ୟମାତ୍ର ପାପ ନ ହେଉ କେବଳ ଏଇକଥାକୁ ସ୍ମରଣ ରଖିଥିବା ଉଚିତ । ପରୋପକାର ଓ ପୁଣ୍ୟକାର୍ଯ୍ୟରେ ଜୀବନ ବ୍ୟତୀତ ହୋଇ ପାରିଲେ ହେଲା ।

# ଇଣ୍ଟରନେଟର ଆଧିପତ୍ୟ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଭା**ରତରେ ଏକବିଂଶ ଶତାବ୍ଦୀ ତୃତୀୟଦଶକ ଆରମ୍ଭ ସୁଦ୍ଧା ଜନଜୀବନରେ ଇଣ୍ଟରନେଟର ଆଧିପତ୍ୟକୁ କେତେକ ସମୀକ୍ଷକ ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର ଅବସ୍ଥାରେ ସଂଘଠିତ ରାସାୟନିକ ବିପ୍ଳବ 'କେମିକାଲ ରିଭୋଲ୍ୟୁସନ୍' ସହ ତୁଳନା କରିଥାନ୍ତି । ବିଂଶ ଶତାବ୍ଦୀର ଷଷ୍ଠ ଓ ସପ୍ତମ ଦଶକରେ ରାସାୟନିକ ବୈଷୟିକ କୌଶଳ ପ୍ରୟୋଗରେ କୃଷିଠାରୁ ଆରମ୍ଭକରି ବସ୍ତ୍ର, ଆସବାବ ପତ୍ର ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ପ୍ରଭୃତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଥିଲା ।

ଉଦାହରଣରେ ପାରମ୍ପରିକ କପା ବଦଳରେ ନାଇଲନ ଓ ପଲିଷ୍ଟାର ବ୍ୟବହାର ଫଳରେ ଯାନ୍ତ୍ରିକ ବୟନ ଶିଳ୍ପରେ ନେତୃତ୍ୱ ନେଇଥିବା ମୁମ୍ବାଇର ଟେକ୍ସଟାଇଲ ମିଲଗୁଡ଼ିକ ବନ୍ଦ ହୋଇଗଲା । ଏତଦ୍ୱାରା ଉଭୟ କପା ଚାଷୀ ଏବଂ ବୟନ ଶିଳ୍ପରେ ନିୟୋଜିତ ଶ୍ରମିକଗଣ ବୃତ୍ତି ଓ ଆୟ ହରାଇଥିଲେ । ତତ୍କାଳୀନ ଗଣମାଧ୍ୟମରେ ପ୍ରଭୁତ୍ୱ ବିସ୍ତାର କରିଥିବା ମୁଦ୍ରିତ ସମ୍ବାଦପତ୍ର ଓ ପତ୍ରପତ୍ରିକା ନିମନ୍ତେ ବୟନ ଶିଳ୍ପ ଏକ ପ୍ରମୁଖ ବିଜ୍ଞାପକ ଥିବା ସ୍ଥଳେ ବୟନଶିଳ୍ପରେ ବିଘଟନ ହେତୁ ବିଜ୍ଞାପନ ବ୍ୟୟ କମିଯିବା ଫଳରେ ଗଣମାଧ୍ୟମ ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା ।

ରାସାୟନିକ ବିପ୍ଳବରେ କୃଷିକାର୍ଯ୍ୟରେ ବ୍ୟାପକ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କୃଷି ଉତ୍ପାଦନ ବଢ଼ାଇ କ୍ଷୁଧା ମୁକ୍ତିରେ ପ୍ରମୁଖ ଭୂମିକା ବହନ କରିଥିଲା । ପ୍ଲାଷ୍ଟିକ ବ୍ୟବହାର କାଠ, କାଚ ଓ ବିଭିନ୍ନ ଧାତୁର ଚାହିଦାକୁ କମାଇଥିବା ସ୍ଥଳେ ସାମଗ୍ରୀଗୁଡ଼ିକର ଉତ୍ପାଦନ ଓ ବିକ୍ରୀଦର ମଧ୍ୟ ଆଶାତୀତ ହ୍ରାସ ଘଟିଥିଲା । ଫଳରେ ବହୁ ସାମଗ୍ରୀ ସାଧାରଣ ଲୋକଙ୍କ କ୍ରୟଶକ୍ତି ମଧ୍ୟରେ ଆସିବା ଫଳରେ ବିକ୍ରୀ ଓ ବ୍ୟବହାର ବୃଦ୍ଧି ପାଇଥିଲା ।

ପ୍ରମୁଖ ଇଣ୍ଟରନେଟ ଉଦ୍ୟୋଗୀ ଅଜିତ ବାଲକ୍ରିଷ୍ଣନ ମାର୍ଚ୍ଚ ୨୦୨୧ରେ ପ୍ରକାଶିତ ଏକ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି ଯେ ରାସାୟନିକ ବିପ୍ଳବ ପ୍ରଭାବରେ ମୁମ୍ବାଇର ଟେକ୍ସଟାଇଲ ଶିଳ୍ପ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥିଲା ପଚାଶ ବର୍ଷପରେ ଇଣ୍ଟରନେଟର ପ୍ରସାର ଫଳରେ ପାରମ୍ପରିକ ଗଣମାଧ୍ୟମ ଶିଳ୍ପ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଛି । ଜନସାଧାରଣ କପା ବସ୍ତ୍ର ବଦଳରେ ନାଇଲନ, ପଲିଷ୍ଟାର ବସ୍ତ୍ର ପ୍ରତି ଆକର୍ଷିତ ହେବା ଏବଂ ନୂତନ ଉତ୍ପାଦ ବ୍ୟବହାର ଯୋଗ୍ୟ, ଶସ୍ତା ଓ ସୁଲଭ ହୋଇଥିବା ହେତୁ ବସ୍ତ୍ର ବ୍ୟବସାୟରେ ବ୍ୟାପକ ପରିବର୍ତ୍ତନ ସୂତ୍ରପାତ ହୋଇଥିଲା । ଗଣମାଧ୍ୟମରେ ଡ଼ିଜିଟାଲ ମଞ୍ଚର ବିକାଶ ପାରମ୍ପରିକ ମଞ୍ଚଗୁଡ଼ିକ କ୍ଷେତ୍ରରେ ତଦ୍ ଅନୁରୂପ ପରିସ୍ଥିତି ସୃଷ୍ଟି କରିଛି ।

ଖ୍ୟାତନାମା ବ୍ୟବସାୟ ପରିଚାଳନା ଗବେଷଣା ସଂସ୍ଥା 'ମ୍ୟାକ-କିନସେ'ର ଅନୁଶୀଳନ ଉଦ୍ଧାର କରି ବାଲକ୍ରିଷ୍ଣନ ଦର୍ଶାଇଛନ୍ତି ଯେ ଗଣମାଧ୍ୟମ ପରିଧିରେ ଇଣ୍ଟରନେଟର ଆଧିପତ୍ୟ ତିନିଗୋଟି ମୁଖ୍ୟ ପ୍ରବାହର ସୂତ୍ରଧର ସାଜିଛି । ପ୍ରଥମତଃ, ଡିଜିଟାଲାଇଜେସନ ଯୋଗୁଁ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ କାଗଜ ତଥା ଚଳଚିତ୍ରରେ ଫିଲ୍ମର ବ୍ୟବହାର କମି ଚାଲିଛି । ନିକଟ ଭବିଷ୍ୟତରେ ଏହି ପ୍ରବାହ ପାରମ୍ପରିକ ଗଣମାଧ୍ୟମଗୁଡ଼ିକର 'ଡିଜିଟାଲ-ଫାଷ୍ଟ' ନୀତି ଯୋଗୁଁ ବଢ଼ିବ ।

ଦ୍ୱିତୀୟତଃ, ସମ୍ବାଦପତ୍ରର ବର୍ଗୀକୃତ ବିଜ୍ଞାପନ 'କ୍ଲାସିଫାଇଡ୍ ଏଡ଼ଭାଟାଇଜମେଣ୍ଟ' ନିୟମିତ ଆୟର ଉତ୍ସଥିବା ସ୍ଥଳେ ସେଗୁଡ଼ିକ ଡିଜିଟାଲ ମଞ୍ଚକୁ ଅପସାରିତ ହୋଇ ବିବାହ, ନିଯୁକ୍ତି ଇତ୍ୟାଦି କ୍ଷେତ୍ରରେ ସମ୍ବାଦ ଆଦାନ ପ୍ରଦାନର ସ୍ୱତନ୍ତ୍ର ବ୍ୟବସାୟରେ ପରିଣତ ହୋଇଛି । ନିକଟ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା 'ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ' ଭଳି ବୈଷୟିକ କୌଶଳ ଉପଯୋଗରେ ସେହି ମଞ୍ଚଗୁଡ଼ିକ ଅଧିକ ବ୍ୟବହାର ଯୋଗ୍ୟ ପ୍ରମାଣିତ ହେବ ।

ତୃତୀୟତଃ, ସମ୍ବାଦପତ୍ର ଓ ଟେଲିଭିଜନ ସେବା ବିତରଣ ଏକାଧିକ ମଧ୍ୟସ୍ଥିଙ୍କ ଦ୍ୱାରା ସମାହିତ ହେଉଥିବା ଏବଂ ଏଥି ନିମନ୍ତେ ଅର୍ଥବ୍ୟୟ ହେଉଥିବା ସ୍ଥଳେ ଡ଼ିଜିଟାଲ ମଞ୍ଚରେ ଉତ୍ସରୁ ଉପଭୋକ୍ତାଙ୍କ ଯାଏଁ ସିଧାସଳଖ ପ୍ରସାରଣର ସୁବିଧା ଉପଲବ୍ଧ । ଏହି ସୁଯୋଗ ଗଣମାଧ୍ୟମ ମଞ୍ଚଗୁଡ଼ିକୁ ଉତ୍ପାଦନ ଓ ବିତରଣ ବାବଦରେ ଖର୍ଚ୍ଚ କମାଇ ସୃଜନ 'କଣ୍ଟେଣ୍ଟ' କ୍ଷେତ୍ରରେ ଅଧିକ ବିନିଯୋଗ ନିମନ୍ତେ ପ୍ରଶସ୍ତ କ୍ଷେତ୍ର ଉନ୍ମୁକ୍ତ କରିବ । ଫଳରେ ଗଣମାଧ୍ୟମ ଉତ୍ପାଦଗୁଡ଼ିକର ଗୁଣାତ୍ମକ ବିକାଶ ସମ୍ଭବ ଆଶା କରାଯାଇପାରେ ।

ଅନ୍ୟତମ ଖ୍ୟାତନାମା ଲେଖକ ଓ ନିବେଶକ ରୁଚିର ଶର୍ମା ଏପ୍ରିଲ ୨୦୨୧ରେ ପ୍ରକାଶିତ ଏକ ପ୍ରବନ୍ଧରେ ସୂଚାଇଛନ୍ତି ଯେ ଅତ୍ୟନ୍ତ ଉନ୍ନତ କମ୍ପ୍ୟୁଟିଂ କ୍ଷମତା ସମ୍ପନ୍ନ ସୁପର କମ୍ପ୍ୟୁଟର ସ୍ତରୀୟ ମୋବାଇଲ ଫୋନ ଏକବିଂଶ ଶତାବ୍ଦୀ ତୃତୀୟ ଦଶକ ଆରମ୍ଭ ସୁଦ୍ଧା ବିଶ୍ୱବ୍ୟାପୀ ଅର୍ଦ୍ଧେକ ଜନସଂଖ୍ୟା ପ୍ରାୟ ଚାରି ଶହ କୋଟି ଉପଭୋକ୍ତାଙ୍କ ହାତ ପାଆନ୍ତାରେ ପହଞ୍ଚି ପାରିଛି । ଏହି ପରିବେଶ ବିକଶିତ ତୁଳନାରେ ବିକାଶଶୀଳ ରାଷ୍ଟ୍ରଗୁଡିକର ଜନଜୀବନରେ ଅଧିକ ପ୍ରଭାବଶାଳୀ ହେଉଥିବା ଦେଖିବାକୁ ମିଳୁଛି । ଯେଉଁ ଅନୁନ୍ନତ ଅଞ୍ଚଳଗୁଡ଼ିକରେ ବିଦ୍ୟାଳୟ, ହସପିଟାଲ ଓ ବ୍ୟାଙ୍କ ନାହିଁ ସେଠାରେ ମୋବାଇଲ ଫୋନ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ କାରବାରର ତତ୍କ୍ଷଣାତ ସୁଯୋଗ ସୃଷ୍ଟି କରିପାରୁଛି । ଫଳରେ ଜନସାଧାରଣ ଇଣ୍ଟରନେଟ ସେବା ପ୍ରତି ଆକର୍ଷିତ ହେବା ସ୍ୱାଭାବିକ ।

ଭାରତରେ ଇଣ୍ଟରନେଟ ଉପଭୋକ୍ତାଙ୍କ ସଂଖ୍ୟା ଗଣତିରେ ଭିନ୍ନ ଭିନ୍ନ ତଥ୍ୟ ପ୍ରକାଶିତ ହୋଇଥାଏ । ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଇନଫରମେସନ ଟେକନୋଲଜି ମନ୍ତ୍ରଣାଳୟ ସୂତ୍ରରୁ ମାର୍ଚ୍ଚ ୨୦୨୧ରେ ସଂଗୃହୀତ ତଥ୍ୟ ଅନୁଯାୟୀ ଇଣ୍ଟରନେଟ ଉପଭୋକ୍ତାଙ୍କ ସଂଖ୍ୟା ୫୬ କୋଟି ହିସାବ କରାଯାଉଥିବା ସ୍ଥଳେ ବେସରକାରୀ ଇଣ୍ଟରନେଟ ଗବେଷଣା ସଂସ୍ଥା 'କାମସ୍କାର'ର ଡ଼ିସେମ୍ବର ୨୦୨୦ ତଥ୍ୟ ୬୬ କୋଟି ୨୦ ଲକ୍ଷ ସୂଚିତ କରିଥାଏ । ବ୍ୟାପକ ସ୍ମାର୍ଟଫୋନ ବ୍ୟବହାର ଓ ଇଣ୍ଟରନେଟ ସଂଯୁକ୍ତି ଦେଶରେ ଅନଲାଇନ ଗଣମାଧ୍ୟମ ମଞ୍ଚଗୁଡ଼ିକ ନିମନ୍ତେ ଉର୍ବର ପରିବେଶ ସୃଷ୍ଟି କରିଛି । 'କାମସ୍କାର' ହିସାବରେ ଡିଜିଟାଲ ମଞ୍ଚରେ ଡ଼ିସେମ୍ବର ୨୦୨୦ ସୁଦ୍ଧା ଦେଶରେ ୪୫ କୋଟି ୪୦ ଲକ୍ଷ ଉପଭୋକ୍ତା ସମ୍ବାଦ ଆହରଣ କରିଥାନ୍ତି ଏବଂ ଅକ୍ଟୋବର ୨୦୨୦ ସୁଦ୍ଧା ୩୯ କୋଟି ୨୦ ଲକ୍ଷ ଉପଭୋକ୍ତା ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ କରିଥାନ୍ତି । ଏହି ତଥ୍ୟାବଳୀରୁ ସମ୍ବାଦ ମଞ୍ଚରେ ବ୍ୟାପକ ପରିବର୍ତ୍ତନର ଆଭାସ ମିଳିଥାଏ ।

ଇଣ୍ଟରନେଟ ବିସ୍ତୃତି ସୋସିଆଲ ମିଡ଼ିଆ ବ୍ୟବହାରରେ ପର୍ଯ୍ୟବସିତ । ଭାରତରେ 'ହ୍ୱାଟସଆପ'ରେ ୫୩ କୋଟି, 'ୟୁଟ୍ୟୁବ'ରେ ୪୪ କୋଟି ୮୦ ଲକ୍ଷ, 'ଫେସବୁକ'ରେ ୪୧ କୋଟି, 'ଇନଷ୍ଟାଗ୍ରାମ'ରେ ୨୧ କୋଟି ଓ 'ଟୁଇଟର'ରେ ଏକ କୋଟି ୫୦ ଲକ୍ଷ ଉପଭୋକ୍ତା ସାମିଲ ହୋଇଥିବା ସରକାରୀ ସୂତ୍ରରୁ ସୂଚିତ । ଏହି ସବୁ ଆପ୍ଲିକେସନ ଗୁଡ଼ିକ ମୁଖ୍ୟତଃ ମୋବାଇଲ ଫୋନରେ ବ୍ୟବହୃତ ଏବଂ ସମ୍ବାଦ ସରବରାହ ନିମନ୍ତେ ଉଦ୍ଦିଷ୍ଟ ।

ପାରମ୍ପରିକ ଭାବେ ଆନ୍ତର୍ଜାତିକ, ଜାତୀୟ ଓ ରାଜ୍ୟସ୍ତରୀୟରୁ ସମ୍ବାଦପତ୍ର ଓ ଟେଲିଭିଜନ ଆଞ୍ଚଳିକ ବା ଜିଲ୍ଲାସ୍ତରକୁ ସମ୍ବାଦ ପରିବେଷଣ ଲାଗି ଓହ୍ଲାଇଥିବା ବେଳେ ସୋସିଆଲ ମିଡ଼ିଆ ନିଜ ପରିବାରବର୍ଗ, ବନ୍ଧୁ ପରିଜନ, ପୂର୍ବ-ପରିଚିତ ତଥା ନିଜେ ବିଶ୍ୱାସ କରୁଥିବା ରାଜନୀତିକ, ସାମାଜିକ ଓ ଧାର୍ମିକ ମତାବଲମ୍ବୀମାନଙ୍କ ଖବର-ଅନ୍ତର ଏବଂ ପରସ୍ପର ବାର୍ତ୍ତା-ବିନିମୟ ନିମନ୍ତେ ସୋସିଆଲ ମିଡ଼ିଆର ସୁଯୋଗ ଆଣିଦେଇଛି । ଫଳତଃ ସାଧାରଣ ଉପଭୋକ୍ତା କ୍ରମଶଃ ନିଜ ବ୍ୟକ୍ତିଗତ ପରିଧିରେ ସମ୍ବାଦ ସରବରାହ ପ୍ରତି ଅଧିକ ଧ୍ୟାନ ଦେଇ ପାରମ୍ପରିକ ଗଣମାଧ୍ୟମ ମଞ୍ଚରୁ କେବଳ ପ୍ରଭାବଶାଳୀ ସମ୍ବାଦପ୍ରତି ଆଗ୍ରହ ପ୍ରକାଶ କରୁଛି । ଏହି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ପାରମ୍ପରିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ସମ୍ବାଦ ପ୍ରଯୋଜନାର ଆଭିମୁଖ୍ୟ ବଦଳାଇବା ଅପରିହାର୍ଯ୍ୟ ହୋଇପଡ଼ିଛି ।

ସାଧାରଣ ଜନଜୀବନରେ ଇଣ୍ଟରନେଟର ଆଧିପତ୍ୟ ଗଣମାଧ୍ୟମରେ ପ୍ରଥମେ ଅନୁଭୂତ ହୋଇଥିଲା । ଦୁଇରୁ ତିନ ଦଶନ୍ଧି ମଧ୍ୟରେ ତାହା ଶକ୍ତିଶାଳୀ ହେବାରେ ଲାଗିଛି । ସମ୍ବାଦ କର୍ମୀଗଣ ଡ଼ିଜିଟାଲ ମଞ୍ଚ ସହ ପରିଚିତ ଥିବା ସ୍ଥଳେ ନୂତନ ପରିବେଶରେ କିପରି ଦକ୍ଷତା ପ୍ରଦର୍ଶନ କରିପାରିବେ ତାହା ସମୟର ଆହ୍ୱାନ ।

## ରାତ୍ର ଭୋଜନରେ କେଉଁ ଖାଦ୍ୟ ଖାଇବା ?



**ରା**ତିରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ । ଏପରି ଖାଦ୍ୟ ଖାଆନ୍ତୁ, ଯାହା ସହଜରେ ହଜମ ହେଉଥିବ । ରାତ୍ର ଭୋଜନ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି । ତାହା ହେଲା ରାତିରେ ଶୋଇବାକୁ ଯିବାର ଅତିକମରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ର ଭୋଜନ ଖାଇବା ଦରକାର । ରାତ୍ର ଭୋଜନ ଖାଇବାର ଅଧ ଘଣ୍ଟାଏ ପୂର୍ବରୁ ଉଷୁମ ପାଣି ପିଅନ୍ତୁ । ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ । ରାତିରେ ଖାଇ ସାରିବା ପରେ କିଛି ସମୟ ଚାଲବୁଲ କରନ୍ତୁ । ଅତିକମରେ ୧୦-୧୫ ମିନିଟ୍ ଚାଲବୁଲ କଲେ ଖାଦ୍ୟ ସହଜରେ ହଜମ ହୋଇଥାଏ । ରାତ୍ର ଭୋଜନ ଶେଷ କରିବା ପରେ ଆଉ ଏକ କଥା ପ୍ରତି ଗୁରୁତ୍ୱ ଦେବା ଦରକାର । ତାହା ହେଲା ଦାନ୍ତ ଘଷିବା । ସକାଳେ ଏବଂ ରାତିରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ ।

ରାତ୍ର ଭୋଜନ ଶେଷ କରିବା ପରେ ଆଦୌ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ ।

## ଆଜିର ଚିନ୍ତନ

**ଶ**ବ୍ଦରେ ଶକ୍ତି ଅଛି । ଦେଖନ୍ତୁ କେହି ଆପଣଙ୍କୁ ଗାଳି ଦେଲା, ଅପ ଶବ୍ଦ ପ୍ରୟୋଗ କଲା, ଦୁଃଖି ହେଉଛି । ଏହାର କାରଣ ହେଉଛି ଶବ୍ଦ ମନ ଉପରେ ପ୍ରଭାବ ପକାଇଲା । ଠିକ୍ ସେହିପରି କେହି ଆପଣଙ୍କୁ ଭଲ କଥା କହିଲା, ପ୍ରଶଂସା କଲା, ଆପଣଙ୍କ ମନ ଉପରେ ତା'ର ପ୍ରଭାବ ପଡିଲା । ମନ ଉଲ୍ଲସିତ ହେଲା, ଉତ୍ଫୁଲ୍ଲିତ ହୋଇ ଉଠିଲା । ଶବ୍ଦରେ ଦିବ୍ୟ ଶକ୍ତି ଅଛି । ଭଗବାନଙ୍କ ନାମ ଜପ କଲେ ମନ ଉପରେ ଏହି ଦିବ୍ୟ ଶକ୍ତି ପ୍ରଭାବ ବିସ୍ତାର କରେ । କଳିଯୁଗ ବଡ଼ ଭୟଙ୍କର । କଳିଯୁଗରେ ଜ୍ଞାନମାର୍ଗ ଯୋଗମାର୍ଗ ସବୁ ଛିନ୍ନ ଭିନ୍ନ ବଡ଼ ବଡ଼ ଜ୍ଞାନୀମାନଙ୍କୁ ମଧ୍ୟ କଳି ବିଗାଡି ଦିଏ । ମନୁଷ୍ୟ ମୂର୍ଖ ନୁହେଁ । ପ୍ରତ୍ୟେକ ମନୁଷ୍ୟ ଦେହରେ ଜ୍ଞାନ ଅଛି । କଳିଯୁଗର ମାନବକୁ ଏବଂ ମାନବର ଶକ୍ତିକୁ ଭୋଗ ବିନାଶ କରି ଦେଇଛି ଯୋଗ ମାର୍ଗରେ ତାଙ୍କୁ ସିଦ୍ଧି ମିଳିଥାଏ । ଯେ ଉର୍ଦ୍ଧ୍ୱରେତା, ଯେ ଈଶ୍ୱର ପ୍ରଦତ୍ତ ଶକ୍ତିର ବିନାଶ ନକରି ଶକ୍ତି ସଂଗ୍ରହ କରନ୍ତି ତାଙ୍କୁ ସଂସ୍କୃତରେ ଉର୍ଦ୍ଧ୍ୱରେତା' କହନ୍ତି । କଳିଯୁଗରେ ବର୍ଣ୍ଣାଶ୍ରମ ଧର୍ମ ଛିନ୍ନ ଭିନ୍ନ । ବର୍ଣ୍ଣ ସଂକର, ଜାତି ସଂକରଙ୍କ ସଂଖ୍ୟା ବଢ଼ି ଚାଲିଛି । କଳିଯୁଗରେ ଜ୍ଞାନମାର୍ଗ, କର୍ମମାର୍ଗ, ଭକ୍ତିମାର୍ଗ ଯୋଗମାର୍ଗରେ ଶୀଘ୍ର ସିଦ୍ଧି ପ୍ରାପ୍ତି ହୁଏ ନାହିଁ । ଆମ ପରି ସାଧାରଣ ମନୁଷ୍ୟ ପାଇଁ କେବଳ ଗୋଟିଏ ମାର୍ଗ । କଳି ଭଗବାନଙ୍କ ନାମକୁ ଭୟ କରେ । ଭଗବାନଙ୍କ ଠାରୁ ତାଙ୍କ ନାମ ବଡ଼ । ଗୋସ୍ୱାମୀ ତୁଳସୀଦାସ ତାଙ୍କ ବିଶ୍ୱ ବିଶ୍ରୁତ ଗ୍ରନ୍ଥ ରାମଚରିତ ମାନସରେ କହିଛନ୍ତି 'ଏକୁଛତ୍ର ଏକୁ ମୁକୁଟ ମନି ସବ କରନନି ପର ଦୋଉ । ତୁଳସୀ ରଘୁବର ନାମକେ ବରନ ବିରାଜିତ ଦୋଉ । ରାମଙ୍କ ଠାରୁ ତାଙ୍କ ନାମ ବଡ଼ । ଯେଉଁ କାମ ରାମ କରି ପାରନ୍ତି ନାହିଁ ସେ କାମ ତାଙ୍କ ନାମ କରିପାରେ । ଭଗବାନଙ୍କ ଠାରୁ ତାଙ୍କ ନାମ ଶ୍ରେଷ୍ଠ । ନାମ ଏବଂ ନାମୀ ଏକ ଏବଂ ଦୁଇ ମଧ୍ୟରେ କିଛି ଭେଦ ନାହିଁ । ରୂପ ନାମର ଅଧୀନରେ ରହିଥାଏ । ସ୍ନେହପୂର୍ଣ୍ଣ ହୃଦୟରେ ନାମ ଜପ କରନ୍ତୁ । ରୂପ ନ ଦେଖି ମଧ୍ୟ ନାମ ଜପନ୍ତୁ । ନିର୍ଗୁଣ ସଗୁଣ ମଧ୍ୟରେ ନାମ ହିଁ ସାକ୍ଷୀ, ସଂଯୋଜକ, ନାମ ଜପ କଲେ ବ୍ରହ୍ମ ସୁଖ ମିଳେ । ଜିହ୍ୱାର ଅଗ୍ରରେ ନାମ ହେଉଛି ଦେହର ଦ୍ୱାରରେ ଥିବା ଆଲୋକ ମୟ ମଣି ଦୀପ । ଭିତର ବାହାରର ସବୁ ଉଜ୍ୱଳ କରିଥାଏ । ନିର୍ଗୁଣ ଓ ସଗୁଣ ସବୁଠାରୁ ନାମ ବଡ଼, ରାମଙ୍କ ଠାରୁ ମଧ୍ୟ ତାଙ୍କ ନାମ ବଡ଼ । ନିଜ ବିଚାର ଅନୁସାରେ ରାମ କେବଳ ଅହଲ୍ୟାଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ନାମ କୋଟି କୋଟି ଖଳଙ୍କ ମତିକୁ ସୁଧାରିଛନ୍ତି ।

# ସୁଖୀ ଜୀବନର ଆଧାର - ଭାବନାତ୍ମକ ସନ୍ତୁଳନ

ଭାବନାତ୍ମକ ପରିପକ୍ୱତା ଏକ ସଫଳ ସୁଖୀ ଜୀବନର ଆଧାର । ଯଦି ବ୍ୟକ୍ତି ଭାବନାତ୍ମକ ରୂପେ ବିକଶିତ ନୁହେଁ, ତେବେ ପରିବାର ହେଉ କି ସମାଜ, ପରସ୍ପର ସମ୍ବନ୍ଧକୁ ସେ ଉଚିତ ଢ଼ଙ୍ଗରେ ନିର୍ବାହ କରି ପାରିବ ନାହିଁ । ଜୀବନର ଉତଥାନ ପତନ ମଧରେ ସେ ଭାବନାର ପ୍ରାବଲ୍ୟରେ ପ୍ରବାହିତ ହୋଇଯାଏ ଏବଂ ଉଚିତ ନିର୍ଣ୍ଣୟ ନେବା ପାଇଁ ସମର୍ଥ ହୁଏ ନାହିଁ । ଦୈନିକ ଜୀବନରେ ଆମେ ନିଜର ବିଚାର, ବ୍ୟବହାର ଓ ଆଚରଣକୁ ଅନୁଶାସିତ ରଖି ନିଜର ଭାବନାତ୍ମକ ସନ୍ତୁଳନକୁ ନିୟନ୍ତ୍ରଣ କରି ପାରିବା ।

ପ୍ରଥମ ଚରଣରେ ନିଜର ଭାବନାକୁ ବୁଝିବା ଉଚିତ । ବିଭିନ୍ନ ପ୍ରକାର ଲୋକଙ୍କ ମଧରେ ବ୍ୟବହାର କରିବା ସମୟରେ ଆମେ ଭାବନାର ସ୍ତର ଓ ସ୍ୱରୂପ କ'ଣ ରହେ, ଏହାକୁ ବୁଝିବା ପାଇଁ ପ୍ରୟାସ କରିବା । କେଉଁଠି ଆମର ଭାବନା ଅଗଠିତ ରହିଛି, କେଉଁଠି ଏହାକୁ ନେଇ ଆମେ ଅସହଜ ଅସୁରକ୍ଷିତ ଅନୁଭବ କରୁ, କେଉଁଠି ଏହାର ଦମନ ହେଉଛି ଇତ୍ୟାଦି । ଏହା ମଧରେ ନିଜର ଯଥାର୍ଥ ସ୍ଥିତିକୁ ସ୍ୱୀକାର କରିବା । ଏହି ଆତ୍ମସ୍ୱୀକୃତି ସହିତ ପରିବର୍ତ୍ତନର ଶୁଭାରମ୍ଭ ହେବ । ପ୍ରତ୍ୟେକ ବ୍ୟବହାର ଓ ପରିସ୍ଥିତି ମଧରେ ଆମେ ନିଜର ଭାବନା ଏବଂ ମନଃସ୍ଥିତିକୁ ଅବଲୋକନ କରି ଏଥିରେ ଉତ୍ତରୋତ୍ତର ସୁଧାର କରି ପାରିବା । ଭାବନା ଉପରେ କ୍ରମଶଃ ନିୟନ୍ତ୍ରଣ ସ୍ଥାପନ କରି, ଏହାକୁ ପରିଷ୍କୃତ ଓ ପରିପକ୍ୱ କରି ପାରିବା, କିନ୍ତୁ ସ୍ୱୟଂର ସ୍ୱୀକୃତି ଏବଂ ବୋଧର ସହିତ ଏହାର ଶୁଭାରମ୍ଭ ହେବ ।

ନିଜର ଭାବନାକୁ ବୁଝି ଆମେ ତାହାକୁ କାଗଜ ଉପରେ ପ୍ରତିଫଳିତ କରି ମନକୁ ହାଲୁକା କରି ପାରିବା, ତାହାକୁ ବୈଚାରିକ ସ୍ପଷ୍ଟତା ଦେଇ ପାରିବା । ନିଜର କୌଣସି ବିଶ୍ୱସନୀୟ ମିତ୍ର ବା ଅଭିଭାବକ ଯେଉଁମାନେ ଆମକୁ ବୁଝିଛନ୍ତି, ତାଙ୍କ ସହିତ ତାହାକୁ ମଧ ବାଣ୍ଟି ପାରିବା । ଏହା ଆମର ଭାବନା ପ୍ରତି ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରିବାରେ ସହାୟକ ହୋଇଥାଏ । ଯଦି ଏହା ମଧ ସମ୍ଭବ ନ ହୁଏ, ତେବେ ନିଜର ଇଷ୍ଟ, ଆରାଧ ଓ ଗୁରୁଙ୍କ ସମ୍ମୁଖରେ ନିଜର ଭାବ ନିବେଦନ କରି ପାରିବା । ସଚ୍ଚୋଟତା ଓ ଆଦର ପୂର୍ବକ କରାଯାଇଥିବା ଏହି ପ୍ରୟୋଗ ସକାରାତ୍ମକ ପ୍ରଭାବ ପକାଇଥାଏ ଏବଂ ଆମେ ଭାବନାତ୍ମକ ରୂପେ ଅଧିକ ସଶକ୍ତ ଓ ସନ୍ତୁଳିତ ଅନୁଭବ କରିଥାଉ ।

ଯଦି ଆମେ ନିଜର ସ୍ଥିତିକୁ ହୃଦୟର ସହିତ ସ୍ୱୀକାର କରିବା, ତେବେ ପୁଣି ନିଜ ଭାବନା ପ୍ରତି ନକାରାତ୍ମକ ଦୃଷ୍ଟିକୋଣକୁ ଧରି ରଖିବାର କୌଣସି କାରଣ ରହେ ନାହିଁ । ଯଦିଓ ଦୀର୍ଘକାଳ ପର୍ଯ୍ୟନ୍ତ ପରିପାଳିତ କରାଯାଇଥିବା ନକାରାତ୍ମକତାକୁ ସକାରାତ୍ମକ କରାଇବାରେ କିଛି ସମୟ ଲାଗିପାରେ, କିନ୍ତୁ ସଚ୍ଚୋଟତା ଭରା ପ୍ରୟାସ ଶେଷରେ ଫଳିତ ହୋଇଥାଏ । ଜୀବନକୁ ଅସ୍ଥିର ଅସନ୍ତୁଳିତ କରୁଥିବା ନକାରାତ୍ମକ ଭାବର ମୂଳ ପର୍ଯ୍ୟନ୍ତ ପହଞ୍ଚିବା ପରେ ତାହାର ରୂପାନ୍ତରଣର ପ୍ରକ୍ରିୟା ଆରମ୍ଭ ହୋଇଯାଏ । ଏହା ସହିତ ଏ ଉପରେ ନ୍ୟୁନତମ ନିୟନ୍ତ୍ରଣର ଅଭ୍ୟାସ ସକାରାତ୍ମକ ଭାବର ସଞ୍ଚାର କରିଥାଏ ଏବଂ ଜୀବନର ସମ୍ଭାବନାଗୁଡିକ ପ୍ରତି ଏକ ନୂତନ ଦୃଷ୍ଟିକୋଣ ଅଙ୍କୁରିତ ହୋଇଥାଏ ।

ଏହା ଭାବନାତ୍ମକ ବିକାଶର ଏକ ସରଳ, କିନ୍ତୁ ପ୍ରଭାବଶାଳୀ ସୂତ୍ର । ଯେତେବେଳେ ଆମେ କାହାର କଥାକୁ ଧାନ ପୂର୍ବକ ଶୁଣୁ, ତ ଏହା ପ୍ରତିପକ୍ଷର କ୍ଷତ ଉପରେ ମଲମ ଲଗାଇବାର କାର୍ଯ୍ୟ କରିଥାଏ । ସେହି ବ୍ୟକ୍ତି ଠାରେ ଶ୍ରୋତାଙ୍କ ପ୍ରତି ବିଶ୍ୱାସ ଜନ୍ମ ନେଇଥାଏ । ଏହା ସହିତ ଶ୍ରୋତାଙ୍କର ମଧ ଭାବନାତ୍ମକ ବିକାଶ ହୋଇଥାଏ । ପ୍ରଖ୍ୟାତ ବିଚାରକ ଓ ଲେଖକ ଷ୍ଟିଫେନ କୋଭ୍ୱେଙ୍କ ଭାଷାରେ ସମ୍ବେଦନଶୀଳ ଶ୍ରବଣ ସହିତ ଇମୋଶନାଲ ବ୍ୟାଙ୍କ ଆକାଉଣ୍ଟ ସମୃଦ୍ଧ ହୋଇଥାଏ । ଏହା ସହିତ ବ୍ୟକ୍ତି ଅଧିକ ଭାବପ୍ରବଣ ହୋଇଥାଏ ଏବଂ ତା'ର ବ୍ୟକ୍ତିତ୍ୱର ବିଶ୍ୱସନୀୟତା ଓ ପ୍ରାମାଣିକତାରେ ବୃଦ୍ଧି ହୋଇଥାଏ । ଏକ ଉତ୍ତମ ଚିକିତ୍ସକ ଏହାର ଆଧାରରେ ରୋଗୀର ବିଶ୍ୱାସ ଜିତିଥାଏ ଏବଂ ନିଜର ଉପଚାରକୁ ପ୍ରଭାବଶାଳୀ କରିପାରିଥାଏ । ଏହା ଭାବନାତ୍ମକ ବିକାଶ ସନ୍ଦର୍ଭରେ କରାଯାଉଥିବା ପ୍ରୟାସ ପ୍ରତି ମଧ ସତ୍ୟ ହୋଇଥାଏ ।

ଏହା ନିଃସନ୍ଦେହ ଯେ ସଂକୀର୍ଣ୍ଣ ସ୍ୱାର୍ଥ ଓ କ୍ଷୁଦ୍ର ଅହଙ୍କାର ଉପରେ ଅନୁଶାସନ ଏବଂ ତପସ୍ୟାର ଲଗାମ ଲଗାଇବା ଆବଶ୍ୟକତା ତଥା ଏହା ସହିତ ଭାବନାତ୍ମକ ବିକାଶରେ ଏହାର ମଧ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ । ଏହି ପ୍ରକାର ସଂଯମ ସଦାଚାର ଶାରୀରିକ ଓ ବ୍ୟାବହାରିକ ସ୍ତରରେ ବ୍ୟକ୍ତିତ୍ୱକୁ ସଶକ୍ତ କରିଥାଏ । ତପର ଭାଟିରେ ଚିତ୍ତର ଶୋଧନ ହୋଇଥାଏ । ଏହା ଦ୍ୱାରା ଜନ୍ ଜନ୍ମାନ୍ତରର କୁସଂସ୍କାର ଗୁହିକର ପ୍ରକ୍ଷାଳନ ହୋଇଥାଏ ଏବଂ ଭାବନାତ୍ମକ ସନ୍ତୁଳନ ଓ ବିକାଶ ପାଇଁ ପୌଷ୍ଟିକ ଆହାର ପ୍ରସ୍ତୁତ ହୋଇଥାଏ, ଯାହା ନିଷ୍କାମ ସେବାକୁ ଗତିଶୀଳ କରାଇଥାଏ ।

ଏହା ଏକ କଟୁ ସତ୍ୟ ଯେ ଆମର ପ୍ରାୟ ପ୍ରତ୍ୟେକ କର୍ମ କୌଣସି ନା କୌଣସି ସ୍ୱାର୍ଥ ଦ୍ୱାରା ପ୍ରେରିତ ହୋଇଥାଏ ଏବଂ ସେଥିରେ କେଉଁଠି ନା କେଉଁଠି ନିଜ ଅହଂର ତୁଷ୍ଟି ଭାବ ରହିଥାଏ । ଭାବନାତ୍ମକ ରୂପେ କାଙ୍ଗାଳ ବ୍ୟକ୍ତିର ମୂଳରେ ନିପଟ ସ୍ୱାର୍ଥପଣ ଓ ଘୋର ଅହଙ୍କାର ନିହିତ ଥାଏ, ଯେଉଁ କାରଣରୁ ସେ ମାନସିକ ସ୍ତରରେ ବ୍ୟତିବ୍ୟସ୍ତ ରହିଥାଏ, କିନ୍ତୁ ପ୍ରାୟ ସେ ନିଜର ସ୍ଥିତିକୁ ବୁଝି ପାରେ ନାହିଁ । ତେଣୁ ଦିନରେ ଗୋଟିଏ କାର୍ଯ୍ୟ ବିନା କୌଣସି ସ୍ୱାର୍ଥରେ ନିଷ୍କାମ ଭାବରେ କରିବାର ଅଭ୍ୟାସ ଜାରି ରଖିଲେ ଆମେ ଭାବନାତ୍ମକ ଭାବରେ କରିବାର ଅଭ୍ୟାସ ଜାରି ରଖିଲେ ଆମେ ଭାବନାତ୍ମକ ବିକାଶର ମଙ୍ଗକୁ ଧରି ପାରିବା ଏବଂ କ୍ରମଶଃ ଯେତେବେଳେ ସେବା ଜୀବନର ଅଙ୍ଗ ହେବାରେ ଲାଗେ, ଆମର ଭାବନାତ୍ମକ ବିକାଶ ମଧ ଗତିଶୀଳ ହୋଇଥାଏ ।

ଯେହେତୁ ଭାବନାତ୍ମକ ବକାଶ ଭାବ, ଆସ୍ଥା ଓ ହୃଦୟ କ୍ଷେତ୍ରରେ କାର୍ଯ୍ୟ, ତେଣୁ ଉପାସନା ଏହାର ଏକ ପ୍ରଭାବଶାଳୀ ଉପାୟ । ଉପାସନା ସମୟରେ ଆମେ ଭାବନାତ୍ମକ ଗଭୀରତା ଦ୍ୱାରା ନିଜର ଇଷ୍ଟ ଆରାଧଙ୍କ ସହିତ ଯୋଡି ହେବାର ପ୍ରୟାସ କରିଥାଉ । ପ୍ରାର୍ଥନା ସମୟରେ ଆମେ ଭାବନାର ଶିଖର ଉପରେ ପହଞ୍ଚି ଥାଉ, କାରଣ ସେତେବେଳେ ହୃଦୟର ଗହନତମ କ୍ଷେତ୍ରରୁ ଆକୁଳ ଡାକ ଉଠିଥାଏ । ନିଜର ମହାନତା ଓ ପରପକ୍ୱତା ସହିତ, ଆଧାତ୍ମିକ ସମ୍ବାଦର ଏହି କ୍ଷଣ ପରମସତ୍ତାଙ୍କ ଦିବ୍ୟ ସଂସ୍ପର୍ଶ ସହିତ ଭାବର ରୂପାନ୍ତରଣର କ୍ଷଣ ହୋଇଥାଏ ଏବଂ ବ୍ୟକ୍ତିର ଭାବନାତ୍ମକ ବିକାଶ ଗହନତମ ସ୍ତରରେ ଘଟିତ ହୋଇଥାଏ । ଭକ୍ତ ଜୀବନର ରୂପାନ୍ତରଣର ଚମତ୍କାରିକ କଥା ଗାଥା ଏହି ଆଧାରରେ ଘଟିତ ହୋଇଥାଏ ।

ଉପଯୁକ୍ତ ବର୍ଣ୍ଣିତ ସୂତ୍ରଗୁଡିକୁ ଗ୍ରହଣ କରି ଆମେ ନିଜର ଭାବନାତ୍ମକ ସନ୍ତୁଳନ ଓ ବିକାଶକୁ ବଜାୟ ରଖି ପାରିବା । ନିଶ୍ଚିତ ଭାବରେ ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା କିନ୍ତୁ ଏହା ଆତ୍ମବିକାଶର ରାଜମାର୍ଗ ମଧ ।

# ପରିସ୍ରା ଅଟକାଇବା ହାନିକାରକ

ଅଧିକାଂଶ ସମୟରେ ଯଦି ଆମେ କିଛି କାମ କରିଥାଉ କିମ୍ବା ବାହାରେ କେଉଁଠି ଥାଉ ସେ ସମୟରେ ପରିସ୍ରା ଲାଗିଲେ ସାଧାରଣତଃ ଆମେ ଏହାକୁ ଅଟକାଇ ଦେଇଥାଉ । ଯାହାକି ପରମୁହୂର୍ତ୍ତରେ ଆମ ଶରୀର ପାଇଁ ବହୁତ କ୍ଷତିକାରକ ହୋଇଥାଏ । ପରିସ୍ରା ଅଟକାଇବା ଦ୍ୱାରା ଆପଣଙ୍କ ଶରୀରରେ ଥିବା ଓ୍ୱେଲ୍ଡରରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଉତ୍ପନ୍ନ କରିଥାଏ । ପରିସ୍ରା ଅଧିକ ସମୟ ପର୍ଯ୍ୟନ୍ତ ଅଟକାଇବା ଫଳରେ ଶରୀରର କ୍ଷତି ହୁଏ ଏବଂ ସ୍ୱାସ୍ଥ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୁଏ । ପରିସ୍ରା ବା ୟୁରିନ୍ ଶରୀରର ଏକ ସ୍ୱାଭାବିକ ପ୍ରକ୍ରିୟା । ଯାହାକୁ କେବଳ ଅନୁଭବ କରାଯାଏ । ଏହାକୁ ଅନୁଭବ କରିବାର ୨ ମିନିଟ୍ ମଧରେ ବାହାର କରିଦେବା ଦରକାର । ଶରୀରରେ ଓ୍ୱେଲ୍ଡର ପୂର୍ଣ୍ଣ ହେବା ପରେ ନର୍ଭ୍ସ ସିଷ୍ଟମ ସ୍ୱତଃ ପ୍ରବୃତ୍ତ ଭାବେ ମସ୍ତିଷ୍କକୁ ପରିସ୍ରା ପ୍ରସ୍ତୁତ କରିବା ପାଇଁ ସଂକେତ ଦେଇଥାଏ । ଝାଳ ପରି ପରିସ୍ରା ମାଧମରେ ମଧ ଶରୀର ଖରାପ ତତ୍ତ୍ୱଗୁଡିକ ବାହାରକୁ ବାହାରିଯାଇଥାଏ । ଯଦି ଏଗୁଡିକ ଠିକ୍ ସମୟରେ ଶରୀରରୁ ବାହାର କରାନ ଯାଏ ତେବେ ଏହା ସଂକ୍ରମଣ ଆଡ଼କୁ ଗତି କରିଥାଏ । କିଛି ଲୋକ ପରିସ୍ରାକୁ ବହୁ ସମୟ ଧରି ଅଟକାଇ ରଖିଥାନ୍ତି । ପରିସ୍ରାକୁ କେତେ ସମୟ ଅଟକାଇ ରଖିପାରିବେ ତାହା ଆପଣଙ୍କ ଶରୀରର କ୍ଷମତା ଉପରେ ନିର୍ଭର କରିଥାଏ । ହେଲେ ଯେଉଁ ଲୋକମାନେ ଅଧିକ ସମୟ ପର୍ଯ୍ୟନ୍ତ ପରିସ୍ରା ଅଟକାଇ ରଖିଥାନ୍ତି ସେମାନେ ଧିରେ ଧିରେ ପରିସ୍ରା ଲାଗିବାର ଅନୁଭବକୁ ହରାଇ ଦେଇଥାନ୍ତି । ଆଉ ମଧ ପରିସ୍ରାକୁ ଅଧିକ ସମୟ ଅଟକାଇବା ଦ୍ୱାରା ଆପଣଙ୍କ ଯୌନାଙ୍ଗ ସଂକ୍ରମିତ ହେବା ସହ ଶରୀରରେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ ।

ପରିସ୍ରା ଅନେକ ସମୟ ଧରି ଅଟକାଇବା ଦ୍ୱାରା ପରିସ୍ରା କରିବା ସମୟରେ କଷ୍ଟ ଅନୁଭୂତ ହୋଇଥାଏ । ଯେଉଁ ଯୁବପିଢ଼ିମାନେ ୮ ରୁ ୧୦ ଘଣ୍ଟା ଧରି ବସି ରହି କାମ କରୁଛନ୍ତି ସେମାନଙ୍କୁ ପରିସ୍ରା ଲାଗିଲେ ସେମାନେ ବାରମ୍ବାର ଉଠି ଯାଇ ନ ଥାନ୍ତି । ଯାହାଦ୍ୱାରା କି ପରିସ୍ରା ଫୁଲ୍ ହୋଇଯିବା ପରେ ପ୍ରତି ୧ ମିନିଟ୍‌ରେ ୨ ଏମଏଲ ୟୁରିନ୍ କିଡ୍‌ନିକୁ ଫେରିଆସେ । ଏପରି ପ୍ରକ୍ରିୟା ଫଳରେ କିଡନିରେ ଷ୍ଟୋନ୍ ହେବାର ବହୁ ସମ୍ଭାବନା ରହିଥାଏ । ଏପରି କରିବା ଦ୍ୱାରା କିଡ଼ନୀ ଫେଲୁଅର୍ ହେବାର ମଧ ବହୁଳ ଆଶଙ୍କା ଥାଏ ।

ସେହିପରି ପରିସ୍ରା ଅଟକାଇବା ଦ୍ୱାରା ମହିଳାମାନେ ୟୁଟିଆଇ ଭଳି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ସାଧାରଣତଃ ପରିସ୍ରା ଲାଗିବା ସମୟରେ ନ କରିବା ଦ୍ୱାରା ପରିସ୍ରା ଦ୍ୱାରା ସଂକ୍ରମଣ ହୋଇଥାଏ । ଯାହାକୁ ୟୁଟିଆଇ କୁହାଯାଏ । ୟୁଟିଆଇ ସଂକ୍ରମଣ ହେଲେ ଏଥିରେ ପରିସ୍ରାରେ ବ୍ୟାକ୍ଟେରିଆ ରହି ଅନେକ ପ୍ରକାରର ସମସ୍ୟା ସୃଷ୍ଟି କରିଥାନ୍ତି ।

## ଟିକିଏ ହସନ୍ତୁ

ଜଣେ ବୃଦ୍ଧ ବ୍ୟକ୍ତି ପପୁକୁ : ଆରେ ଚଗଲା, ତୋ ପଢ଼ାପଢ଼ି କେମିତି ଚାଲିଛି ?
ପପୁ : ଠିକ୍ ଆପଣଙ୍କ ପରି ।
ବୃଦ୍ଧ ବ୍ୟକ୍ତି : ମାନେ ?
ପପୁ : ଭଗବାନଙ୍କ ଭରସାରେ... ।

× × × ×

ଗୋଲୁ ମା'ଙ୍କୁ : ମାମା, ଏଥର ଦୀପାବଳିରେ ଆମେ ଏଇଠୁ ବାଣ ନେବା ।
ମା' : ଏଠୁ କେମିତି ନେବୁ । ଏଇଟା ପରା ଗର୍ଲସ୍ ହଷ୍ଟେଲ ।
ଗୋଲୁ : ନା ମାମା ତମେ ଜାଣିନ । ବାପା କହନ୍ତି ସବୁ ପଟାଖା ଫୁଲଝଡି ଏଇଠି ରହନ୍ତି ।

× × ×



ପପୁ ବାପାଙ୍କୁ : ବାପା, ତମେ ଆଉ ଟଙ୍କା ପାଇଁ ଚିନ୍ତା କରନି । କାଲିଠୁ ଆମେ ମାଲାମାଲ ହେଇଯିବା ।
ବାପା : କେମିତି ?
ପପୁ : କାଲି ପରା ଆମ ସାର୍ ଆମକୁ ପଇସାକୁ କେମିତି ଟଙ୍କାରେ ପରିଣତ କରାଯିବ ଶିଖେଇବେ ।

× × × ×

ଶିକ୍ଷକ ରାମୁକୁ : କାଲି ସ୍କୁଲ କାହିଁକି ଆସିଲୁନି ?
ରାମୁ : ସାର୍, କାଲି ମୁଁ ପଡିଗଲି ଓ ମୋର ଲାଗିଗଲା ।
ଶିକ୍ଷକ : ଆରେ କୋଉଠି ପଡିଗଲୁ ?
ଆଉ କ'ଣ ଲାଗିଗଲା ?
ରାମୁ : ଖଟରେ ପଡିଗଲି ଆଉ ଆଖି ଲାଗିଗଲା ।

× × × × × × ×

ଶିକ୍ଷକ : ଗୋଟିଏ ନିଶାଦ୍ରବ୍ୟର ନାମ କୁହ ।
ମିକି : ସାର୍ ବହି ।
ଶିକ୍ଷକ : କ'ଣ ବହି । କେମିତି ମତେ ବୁଝେଇଲୁ ।
ମିକି : ବହି ଖୋଲୁ ଖୋଲୁ ପରା ମତେ ନିଦ ଆସିଯାଏ । ଏଇଟା ନିଶାଦ୍ରବ୍ୟ ନୁହେଁ ତ ଆଉ କ'ଣ ?

ସ୍ୱୀକାର
ବର୍ଷ ୨୫, ସଂଖ୍ୟା-୧୮, ୨ - ୮ ମଇ ୨୦୨୧

# ବର୍ଦ୍ଧିତ ବିଜୁଳି ଦର ପ୍ରତ୍ୟାହାର ହେଉ

ଦିଲ୍ଲୀରେ ଲୋକଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣାରେ ଯୋଗାଇ ଦେଉଛି ଆପ୍ ସରକାର । ଦିଲ୍ଲୀରେ ବିଦ୍ୟୁତ ଉତ୍ପାଦନ ସୁବିଧା ନାହିଁ । ବିଡ଼ମ୍ବନାର ବିଷୟ ବିଦ୍ୟୁତ୍ ବଳକା ରାଜ୍ୟ ବୋଲାଉଥିବା ଓଡ଼ିଶାରେ ଲୋକଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ଛ' ମାସ ମଧ୍ୟରେ ଦୁଇ ଦୁଇ ଥର ବଢ଼ୁଛି ବିଜୁଳି ଟାରିଫ୍ । ଓଏସଇବି ବା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ଥିବା ସମୟରେ ଉପଭୋକ୍ତା ଏଭଳି ଦୁର୍ଦ୍ଦଶା ଭୋଗୁ ନ ଥିଲେ । ଏପରିକି ବିତରଣକାରୀ ସଂସ୍ଥା ସେସୁ, ୱେସ୍କୋ, ନେସ୍କୋ ଓ ସାଉଥକୋ ସହିତ ଆରୟୁପିଏଲ ଏବଂ ଏନଜେନ୍ କମ୍ପାନି କାମ କରୁଥିବା ବେଳେ ବି କେବେ ମାତ୍ର ୬ ମାସ ଭିତରେ ଦୁଇ ଥର ବିଲ୍ ବଢ଼ି ନ ଥିଲା । ଗତବର୍ଷ ବିଦ୍ୟୁତ ବିତରଣ କ୍ଷେତ୍ରରେ ଟାଟା ପାୱାର ୫୧% ଅଂଶଧନ ସହ ପ୍ରବେଶ କରିବା ପରେ କମ୍ପାନିର ଏକଚାଟିଆ କାରବାର ପାଇଁ ବାଟ ଖୋଲିଲା । ଏବେ ଟାଟାର ବଡ଼ ଭାଇ ପଣିଆ ଆଗରେ ରାଜ୍ୟ ସରକାର ଏକ ପ୍ରକାର ଅସହାୟ ପାଲଟି ଯାଇଛନ୍ତି । କ୍ଷୋଭର ବିଷୟ, ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ପାଇଁ ଗଠିତ ବିଦ୍ୟୁତ ନିୟାମକ ପ୍ରାଧିକରଣ ଦରବୃଦ୍ଧି ସପକ୍ଷରେ ମତ ଦେଇଛି । ରାଜ୍ୟ ସରକାର ବି ନିଜ ମୁଣ୍ଡରୁ ଦୋଷ ଖସାଇ ହାତ ଟେକି ଦେଇଛନ୍ତି ।

ପ୍ରଶ୍ନ ଉଠୁଛି, କରୋନାରେ କଷାଘାତରେ ଜର୍ଜରିତ ଜନତା ଘୋର ଦୁର୍ଦ୍ଦଶାରେ ଥିବାବେଳେ କାହା ସ୍ୱାର୍ଥରେ ଏ ଦରବୃଦ୍ଧି ? ଜୀବନଜୀବିକା ହରାଇ ଲୋକେ କଷ୍ଟରେ ଥିବା ବେଳେ ବେପରୁଆ ଦରବୃଦ୍ଧି କୋଟି କୋଟି ଉପଭୋକ୍ତାଙ୍କୁ ବାଧୁଛି । ବିଦ୍ୟୁତର ବିକଳ୍ପ ନ ଥିବାରୁ ଲୋକେ ଅଗତ୍ୟା କମ୍ପାନିର ଜୁଲମ ସହିବାକୁ ବାଧ ହେଉଥିଲେ ବି ଅସନ୍ତୋଷ ବଢ଼ିବାରେ ଲାଗିଛି ପୂର୍ବରୁ ଦାୟିତ୍ୱ ନେଇଥିବା କିଛି କମ୍ପାନି ପରିଚାଳନା ବ୍ୟୟ ହ୍ରାସ କରି ବିଦ୍ୟୁତ ଅପଚୟକୁ ରୋକି ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏଇଏସ୍ କମ୍ପାନି ମାଛ ତେଲରେ ମାଛ ଭାଜି ଓଏସଇବିର ଭିତ୍ତିଭୂମିକୁ ଉପଭୋଗ କଲା । ଶକ୍ତି ବିଭାଗର ବରିଷ୍ଠ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ କାର୍ଯ୍ୟକାଳ ଭିତରେ କମ୍ପାନି ଖୁଣ୍ଟଟିଏ ବି ନ ପକାଇ କୋଟି କୋଟି ଟଙ୍କା ଲୁଟ କଲା । ଉଜୁଡ଼ି ଯାଇଥିବା ବିଜୁଳି କ୍ଷେତ୍ରକୁ ସଜାଡିବା ବାହାନାରେ ସରକାର ଟାଟା ସହିତ ୨୫ ବର୍ଷିଆ ରାଜିନାମା କଲେ ଏବଂ ଉପଭୋକ୍ତା ମହରଗରୁ ଯାଇ କାନ୍ତାରରେ ପଡିଲେ ।

ଅବଶ୍ୟ, ଉଦାରୀକରଣ ପରେ ଦେଶରେ ସରକାରୀ କଳର ସହଯୋଗରେ ଘରୋଇ କମ୍ପାନିଙ୍କୁ ଅଧିକ ପ୍ରୋତ୍ସାହନ ମିଳିଛି । ପରିବହନ, ବିଦ୍ୟୁତ୍, ଶିକ୍ଷା ଭଳି କ୍ଷେତ୍ରରେ ସରକାର ଘରୋଇକରଣକୁ ଉତ୍ସାହିତ କରି ନିଜେ ହଟି ଯାଉଛନ୍ତି । ଏହାଫଳରେ କମ୍ପାନୀର ମନମୁଖୀ କାରବାରରେ ଲୋକେ ଅତିଷ୍ଠ ହେଲେ ମଧ୍ୟ କଷ୍ଟ ସହିବାକୁ ବାଧ ହେଉଛନ୍ତି । ବିଶେଷ କରି କରୋନାର ବିଭୀଷିକା ସମୟରେ ବିଦ୍ୟୁତ କ୍ଷେତ୍ରରେ ଏହି ଅବ୍ୟବସ୍ଥା ରାଜ୍ୟ ସରକାରଙ୍କ ଜନମଙ୍ଗଳ ନୀତି ପାଇଁ ଆହ୍ୱାନ ସୃଷ୍ଟି କରିଛି । ଓଡ଼ିଶା ସରକାର ଚାହିଁଲେ ଦିଲ୍ଲୀ ଭଳି ୨୦୦ ୟୁନିଟ୍ ନ ହେଉ, ୫୦ ୟୁନିଟ୍ ବିଦ୍ୟୁତ୍ ମାଗଣାରେ ଯୋଗାଇ ପାରନ୍ତେ ଓ ସ୍ଲାବ ହିସାବ ଠକେଇରୁ ଲୋକଙ୍କୁ ରକ୍ଷା କରି ପାରନ୍ତେ ।

ସ୍ଲାବ୍ ହିସାବର କୁଶଳୀ ଠକେଇ ଏମିତି ଚାଲିଛି । ୫୦ ୟୁନିଟ୍ ବ୍ୟବହାର ପାଇଁ ଦେୟ ୧୫୦ ଟଙ୍କା ସହ କିଲୋୱାଟ ପ୍ରତି ଲୋଡ୍ ପାଇଁ ୨୦ ଟଙ୍କା ଏମିତି ୧୭୦ ଟଙ୍କା ହେଉଛି । ହେଲେ ୧୦୦ ୟୁନିଟ୍ ବ୍ୟବହାର କଲେ ବିଲ୍ ୩୨୦ ଟଙ୍କା ନ ହୋଇ କମ୍ପାନିକୁ ସୁହାଉଥିବା ହିସାବରେ ୫୦୦ ଟଙ୍କା ହେବ । ଆଖିରେ ଆଙ୍ଗୁଠି ଗେଞ୍ଜି ଚାଲିଥିବା ଏଠି ଠକେଇରୁ ଲୋକଙ୍କୁ ରକ୍ଷା କରିବା ସରକାରଙ୍କ ନୈତିକ ଦାୟିତ୍ୱ । ଗରିବ କଲ୍ୟାଣ ମନ୍ତ୍ର ଘୋଷୁଥିବା ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି । ପୂର୍ବରୁ ମାଗଣା ସ୍ୱାସ୍ଥ୍ୟ ବୀମା ସୁବିଧା ଘୋଷଣା କରିଥିବା ସରକାର କରୋନା ପ୍ରଥମ ଲହର ସମୟରେ ଫେରନ୍ତା ପ୍ରବାସୀ ଶ୍ରମିକ ଓ ଆକ୍ରାନ୍ତଙ୍କ ପାଇଁ ପ୍ରତି ପଞ୍ଚାୟତରେ ଟିଏମସି ଖୋଲି ଥିଲେ ଓ ମାଗଣା କରୋନା ଚିକିତ୍ସା ବ୍ୟବସ୍ଥା କରାଇ ଥିଲେ । ନିକଟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ସାବାଳକଙ୍କୁ ମାଗଣାରେ କରୋନା ଟୀକା ଦେବାକୁ ଘୋଷଣା କରିଛନ୍ତି । ତେବେ ଏଭଳି ଜନମଙ୍ଗଳ କାର୍ଯ୍ୟରେ ଲିପ୍ତ ସରକାର କରୋନା ଭଳି ଭୟାନକ ସ୍ଥିତିରେ ଓ ପ୍ରଚଣ୍ଡ ଗ୍ରୀଷ୍ମକାଳରେ ପୁଣି ଥରେ ୟୁନିଟ୍ ପିଛା ୩୦ ପଇସା ଦରବୃଦ୍ଧିକୁ ଆଖିବୁଜି ଗ୍ରହଣ କଲେ କେମିତି ? କରୋନା କଷଣରେ ସଢୁଥିବା ଗରିବ ଲୋକଙ୍କ ପ୍ରତି ନିଜର ନୈତିକ ଦାୟିତ୍ୱକୁ ସରକାର ଭୁଲିଗଲେ କି ?

ନିକଟରେ ଏକ୍ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ କହିଛନ୍ତି ଯେ ୬ ମାସ ମଧ୍ୟରେ ଦୁଇ ଦୁଇ ଥର ବିଦ୍ୟୁତ୍ ଶୁଳ୍କ ବଢ଼ାଇବା ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ । ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ପ୍ରତିକ କରୋନା ସ୍ଥିତିକୁ ଦୃଷ୍ଟି ଦେଇ ବର୍ଦ୍ଧିତ ବିଜୁଳି ଦର ପ୍ରତ୍ୟାହାର କରିବା ପାଇଁ ନିର୍ଦ୍ଦେଶ ଦେବାର ଆବଶ୍ୟକତା ରହିଛି ।



# ଶିକ୍ଷା

### ମହାତ୍ମା ଗାନ୍ଧୀ

ସା ବିଦ୍ୟା ଯା ବିମୁକ୍ତୟେ' ବୋଲି ଯେଉଁ ପ୍ରାଚୀନ ଉକ୍ତିଟି ରହିଛି, ପୂର୍ବପରି ଆଜି ମଧ ତାହାର ମହତ୍ତ୍ୱ ରହିଛି । ଶିକ୍ଷା କହିଲେ ଏଠାରେ କେବଳ ଜ୍ଞାନକୁ ବୁଝାଉନାହିଁ । ବା ମୁକ୍ତି କହିଲେ କେବଳ ମୃତ୍ୟୁ ଅନ୍ତେ କୌଣସି ଆଧ୍ୟାତ୍ମିକ ମୁକ୍ତିକୁ ବୁଝାଉନାହିଁ । ମନୁଷ୍ୟ ସମାଜର ସେବା ଲାଗି ଯାହାକିଛି ଉପଯୋଗୀ, ସେହି ସବୁକିଛିରେ ଯାବତୀୟ ପ୍ରଶିକ୍ଷଣକୁ ଆମେ ଜ୍ଞାନ ବୋଲି କହିବା ଏବଂ ଆମର ଏହି ଜୀବନରେ ମଧ ଯାବତୀୟ ପ୍ରକାରର ଦାସତ୍ୱରୁ ମୁକ୍ତିଲାଭ କରିବାକୁ ମୁକ୍ତିବୋଲି କହିବା । ଦାସତ୍ୱ ଦୁଇ ପ୍ରକାରର ବାହାରର କୌଣସି ଆଧିପତ୍ୟ ପାଖରେ ଦାସତ୍ୱ ଏବଂ ଆପଣାର କୃତ୍ରିମ ଆବଶ୍ୟକତାଗୁଡିକ ପାଖରେ ମଧ ଦାସତ୍ୱ । ଏହି ଆଦର୍ଶର ଅନୁଧାବନରେ ଯେଉଁ ଜ୍ଞାନ ଉପାର୍ଜନ କରାଯାଏ, କେବଳ ତାହାକୁ ହିଁ ଯଥାର୍ଥ ଅଧ୍ୟୟନ ବୋଲି କୁହାଯିବ ।

ଆଜି ତ ଶୁଦ୍ଧ ଜଳ, ଉତ୍ତମ ମୃତ୍ତିକା ଏବଂ ନିର୍ମଳ ବାୟୁ ଏଗୁଡିକ ଆମଠାରୁ ଅଜ୍ଞାତ ହୋଇ ରହିଲେଣି । ବ୍ୟୋମ ଏବଂ ସୂର୍ଯ୍ୟଙ୍କର ଅକଳନୀୟ ଉପଯୋଗିତା ବିଷୟରେ ଆମର ଆଦୌ କୌଣସି ଜ୍ଞାନ ନାହିଁ । ଯଦି ଆମେ ବିଜ୍ଞତାର ସହିତ ଏହି ପଞ୍ଚଭୂତର ବ୍ୟବହାର କରିପାରିବା, ଯଦି ଆମେ ସମୁଚିତ ଓ ସନ୍ତୁଳିତ ଖାଦ୍ୟଖାଇ ପାରିବା, ତେବେ ତାହାରି ଦ୍ୱାରା ହିଁ ଆମେ ଯୁଗଯୁଗର କାର୍ଯ୍ୟକୁ କରିପାରିଲୁ ବୋଲି କୁହାଯିବ । ଏହି ଜ୍ଞାନଟି ଅର୍ଜନ କରିବା ନିମନ୍ତେ ଡିଗ୍ରୀ ଦରକାର ନାହିଁ, କୋଟି କୋଟି ଟଙ୍କା ମଧ ଲୋଡା ନାହିଁ । କେବଳ ଈଶ୍ୱରଙ୍କ ଠାରେ ଦୃଢ଼ ବିଶ୍ୱାସ ଲୋଡା, ସେବା କରିବାଲାଗି ଏକ ଉତ୍ସାହଲୋଡା, ପ୍ରକୃତିର ପଞ୍ଚଭୂତ (କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ) ସହିତ ପରିଚୟ ଲୋଡା ଏବଂ ଖାଦ୍ୟଖାଦ୍ୟ ସମ୍ପର୍କରେ ଉପଯୁକ୍ତ ଜ୍ଞାନ ଲୋଡା । ସ୍କୁଲ ଏବଂ କଲେଜମାନଙ୍କରେ ଆଦୌ କୌଣସି ସମୟ ନଷ୍ଟ ନ କରି ମଧ ଏହି ସବୁକିଛିକୁ ଅର୍ଜନ କରାଯାଇ ପାରିବ ।

ବାରମ୍ବାର ପ୍ରଶ୍ନ ପଚାରୁଥିବ ଓ ତୁମଠାରେ ଏକ ସୁସ୍ଥ ଜିଜ୍ଞାସା ରହିଥିବ, ଯେକୌଣସି ପ୍ରକାରର ଶିକ୍ଷା ଅର୍ଜନ କରିବା ସକାଶେ ଏଗୁଡିକ ହେଉଛି ସର୍ବପ୍ରଥମ ଆବଶ୍ୟକତା । ଜିଜ୍ଞାସା ସହିତ ବିନୟ ମଧ ରହିଥିବ, ଶିକ୍ଷକଙ୍କ ପ୍ରତି ସମ୍ମାନପୂର୍ଣ୍ଣ ଶ୍ରଦ୍ଧାଭାବ ରହିଥିବ । ଏହା କଦାପି ତଳକୁ ଖସି ଔଦ୍ଧତ୍ୟରେ ପରିଣତ ହୋଇ ଯାଉ ନଥିବ । ଔଦ୍ଧତ୍ୟ ହେଉଛି ମାନସିକ ଯାବତୀୟ ଗ୍ରହଣଶୀଳତାର ପରମ ଶତ୍ରୁ । ବିନୟ ଏବଂ ଶିକ୍ଷା କରିବାର ଆଗ୍ରହ ବ୍ୟତୀତ କୌଣସି ଜ୍ଞାନ ସମ୍ଭବ ହେବନାହିଁ ।

ଏକ ନୂତନ ପୃଥିବୀର ସୃଷ୍ଟି ନିମନ୍ତେ ଶିକ୍ଷାକୁ ମଧ ଏକ ନୂତନ ପ୍ରକାରର ହେବାକୁ ପଡିବ ।

ସାକ୍ଷରତା କିମ୍ବା ପାଠପଢ଼ା ଜଣେ ମଣିଷକୁ କଦାପି ମଣିଷ କରେ ନାହିଁ, ପ୍ରକୃତ ଜୀବନ ଲାଗି ଶିକ୍ଷା ହିଁ ତାକୁ ମଣିଷ କରିଥାଏ ।

ସାବାଳକ ଭୋଟ ଅଧିକାରର ସମକାଳୀନ ଭାବରେ ଏପରିକି ଏହାର ପୂର୍ବରୁ ମଧ ମୁଁ ସାର୍ବଜନିକ ଶିକ୍ଷାର ପ୍ରବର୍ତ୍ତନ ହେଉ ବୋଲି କହୁଛି । ମୁଁ କୌଣସି ଅକ୍ଷରଶିକ୍ଷାକୁ ଆଦୌ ବୁଝାଉନାହିଁ । ସାକ୍ଷରତା ରହିବ ସତ, ମାତ୍ର ସମ୍ଭବତଃ ଏକ ସହାୟକ ରୂପେ ରହିବ । ମୁଁ ଦୃଢ଼ ଭାବରେ ବିଶ୍ୱାସ କରୁଛି ଯେ, ଇଂରାଜୀ ଶିକ୍ଷା ଆମ୍ଭମାନଙ୍କ ମନକୁ ଉପବାସୀ କରି ରଖିଛି, ତାହାକୁ ଦୁର୍ବଳ ଓ ନିସ୍ତେଜ କରି ପକାଇଛି ଏବଂ ଆମର ମନକୁ ଏକ ସାହସୀ ନାଗରିକତ୍ୱ ଲାଗି ଆଦୌ ପ୍ରସ୍ତୁତ କରି ପାରିନାହିଁ । ସେହି ମନଗୁଡିକୁ ମୁଁ ଯେକୌଣସି ଦେଶ ଗର୍ବ ଅନୁଭବ କଲା ଭଳି ସମୃଦ୍ଧ ଭାଷାଗୁଡିକରେ ଯଥେଷ୍ଟ ଜ୍ଞାନ ଦେବାକୁ ଇଚ୍ଛା କରିବି । ଯଦି ଆମେ ସଚ୍ଚୋଟ ଓ ନିଷ୍ଠାପର ହୋଇଥିବା ତେବେ ନାଗରିକତ୍ୱ ବୋଧ ବିଷୟରେ ଶିକ୍ଷା ଦେବା ଅତ୍ୟନ୍ତ ଅଳ୍ପ ସମୟରେ ଅବଶ୍ୟ ସମ୍ଭବ ହେବ ।

# ଶରୀର ପାଇଁ ଭଲ ଦହି

କୁହାଯାଏ, କୌଣସି ଶୁଭକାର୍ଯ୍ୟରେ ଯିବା ପୂର୍ବରୁ ଦହି ଖାଇ ଗଲେ ସଫଳତା ମିଳିଥାଏ । ଦହି ମଧ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏଥିରେ ପ୍ରୋଟିନ୍, କ୍ୟାଲସିୟମ, ରାଇବୋଫ୍ଲାବିନ୍, ଭିଟାମିନ୍ ବି ପରି ପୋଷକ ତତ୍ତ୍ୱ ରହିଛି । କ୍ଷୀର ଅପେକ୍ଷା ଏହା ଶୀଘ୍ର ହଜମ ହୋଇଯାଏ ଏବଂ ଦାନ୍ତ ତଥା ଅସ୍ଥିକୁ ମଜବୁତ କରିବା ଲାଗି କ୍ୟାଲସିୟମ ପରିମାଣ କ୍ଷୀର ଅପେକ୍ଷା ଦହିରେ ୧୮ ଗୁଣ ଅଧିକ ରହିଥାଏ ।

ପେଟ ଗରମ ହେଉଥିଲେ ଦହିଲସି ପିଇ ପାରିବେ । ପେଟର ଅନ୍ୟାନ୍ୟ ରୋଗରେ ବି ସୈନ୍ଧବ ଲବଣ ଏବଂ ଦହି ମିଶାଇ ପିଇବା ଉଚିତ । ନିୟମିତ ଦହି ଖାଇଲେ ଆଉ ରୋଗ ତଥା ପେଟ ସମ୍ବନ୍ଧୀୟ ରୋଗ ହୁଏନାହିଁ ବୋଲି ଆମେରିକୀୟ ଖାଦ୍ୟ ବିଶେଷଜ୍ଞ ମତ ଦିଅନ୍ତି ।

ହୃଦରୋଗ, ଉଚ୍ଚରକ୍ତଚାପ, କିଡନୀ ରୋଗକୁ ରୋକିବାରେ ଦହିର ଅଜବ କ୍ଷମତା ରହିଛି । ହେଙ୍ଗୁ ଛୁଙ୍କ ଦେଇ ଦହି ଖାଇଲେ ଗଣ୍ଠିବ୍ୟଥାରେ ଉପକାର ମିଳେ । କୋଷ୍ଠକାଠିନ୍ୟ, ଅର୍ଶରେ ପୀଡିତ ବ୍ୟକ୍ତି ଦ୍ୱିପ୍ରହର ଖାଦ୍ୟ ପରେ ଏକ ଗ୍ଲାସ୍ ଘୋଳଦହିରେ ଜୁଆଣି ପକାଇ ପିଇବା ଉଚିତ ।

ପତଳା ଲୋକଙ୍କୁ ଦହିରେ କିସ୍‌ମିସ୍, ବାଦାମ ଆଦି ମିଶାଇ ଖାଇବାକୁ ଦେଲେ ଓଜନ ବଢ଼େ । ସେହିପରି ଖାଲି ଦହି ଖାଇଲେ ଶରୀରର ବେକାର ଚର୍ବି ଦୂର ହୋଇଥାଏ ।

ପାଟିରେ କଳଖିଆ ହୋଇଥିଲେ ଦହିର ସର ଦିନକୁ ସେଥିରେ ୨ ବା ୩ ଥର ଲଗାଇବା ଉଚିତ । ଦହି ଓ ମହୁ ସମାନ ପରିମାଣରେ ମିଶାଇ ସକାଳ ସନ୍ଧ୍ୟାରେ ସେବନ କଲେ ବି ଉପକାର ମିଳେ । ଦେହରୁ ଝାଳଗନ୍ଧ ହେଉଥିଲେ ଦହି ଏବଂ ବେସନର ମିଶ୍ରଣ ମାଲିସ୍ କରି କିଛି ସମୟ ପରେ ଗାଧୋଇ ପଡନ୍ତୁ ।

ପିଲାମାନଙ୍କର ଦାନ୍ତ ଉଠୁଥିଲେ ଦହି ସହ ମହୁ ମିଶାଇ ସେମାନଙ୍କୁ ଚଟାଇବେ । ଶୀଘ୍ର ଦାନ୍ତ ଉଠିଯିବ ।

ରାତିରେ ନିଦ ହେଉ ନଥିଲେ ଦହି କିମ୍ବା ଲସି ପିଇବା ଲାଭଦାୟକ ହୋଇଥାଏ ।



ଦହିଭାତ ଏକ ଅତି ଉପାଦେୟ ଭାରତୀୟ ଖାଦ୍ୟ ଯାହା ଦେଶର ଚାରିଗୋଟି ଦକ୍ଷିଣୀ ରାଜ୍ୟ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ ଏବଂ କର୍ଣ୍ଣାଟକରେ ବିଶେଷ ଭାବେ ଲୋକପ୍ରିୟ । ଏହାକୁ ଦ୍ୱିପ୍ରହର କିମ୍ବା ରାତିରେ ବି ଖିଆଯାଏ । ଅନେକେ ପେଟ ଖରାପ ଥିଲେ ଦହି ଏବଂ ଭାତ ଖାଇଥାନ୍ତି । ତେବେ ଏହା କେବଳ ପେଟ ସମ୍ପର୍କିତ ସମସ୍ୟାରୁ ମୁକ୍ତି ଦିଏନି ବରଂ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ଉପକାରୀ ସାବ୍ୟସ୍ତ ହୋଇଥାଏ ।

**ମେଦବହୁଳତା:** ଭାତ ଖାଇଲେ ମୋଟା ହୋଇଯାନ୍ତି ବୋଲି ଅନେକଙ୍କର ଧାରଣା । ତେବେ ଦହିଭାତ ଖାଇଲେ ମୋଟା ହେବା ବଦଳରେ ମେଦବହୁଳତା କମିଥାଏ । ଏଥିରେ କମ୍ କ୍ୟାଲୋରି ଥିବାରୁ ସବୁ ଛାଡି କେବଳ ଦହିଭାତ ଖାଆନ୍ତୁ ।

# ଆଖୁରସର ଔଷଧୀୟ ଗୁଣ

**ପେଟ**ରେ ହେଉଥିବା ଷ୍ଟୋନ ବା ପଥୁରୀକୁ କମେଇବାରେ ଆଖୁରସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ହାଲିଆ ଲାଗୁଥିଲେ ଆଖୁରସ ପିଇବା ଆବଶ୍ୟକ । ଏଥିରେ ଗ୍ଳୁକୋଜ ଭରପୂର ହୋଇ ରହିଛି । ଏହାଦ୍ୱାରା ଶରୀରକୁ ଅଧିକ ଶକ୍ତି ମିଳିଥାଏ ।



ଆଖୁରସ ପିଇବା ଦ୍ୱାରା ଶରୀରକୁ ପର୍ଯ୍ୟାପ୍ତ କ୍ୟାଲସିୟମ୍ ମିଳେ । ଯାହା ଫଳରେ ନଖଗୁଡିକ ସୁସ୍ଥ ରଖିବା ସହ ଏଥିରେ ଚମକ ଆସିଥାଏ । ଏହି ପାନୀୟ ଆମ ଶରୀରରେ ପାଣିର ଜାଗା ପୂରଣ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ଖରାଦିନେ ନିୟମିତ ଆଖୁରସ ପିଇବା ଉଚିତ୍ ।

ଆଖୁରସରେ ପୋଟାସିୟମ ଯଥେଷ୍ଟ ପରିମାଣରେ ରହିଛି । ଯାହାଦ୍ୱାରା ହଜମ ପ୍ରକ୍ରିୟା ସହଜ ହୋଇଥାଏ । ଏହା ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ୟା ଦୂର ହୁଏ । ଜଣ୍ଡିସ୍ ରୋଗୀ ପାଇଁ ଏହି ପାନୀୟ ସର୍ବୋତ୍କୃଷ୍ଟ । ମାତ୍ର ସଂପୂର୍ଣ୍ଣ ପରିଷ୍କାର ଭାବେ ପ୍ରସ୍ତୁତ ହୋଇଥାଏ ଆଖୁରସ ପିଇବା ଉଚିତ୍ ।

ଏଥିରେ ଥିବା କ୍ୟାଲସିୟମ୍, ମ୍ୟାଗ୍ନେସିୟମ, ପୋଟାସିୟମ, ଆଇରନ ଏବଂ ମ୍ୟାଗ୍ନେସିୟମ ଭଳି ତତ୍ତ୍ୱ କ୍ୟାନସର ସମସ୍ୟାକୁ ମଧ ଦୂର କରିଥାଏ ।

ଆଖୁରସରେ ପ୍ରଚୁର ପରିମାଣରେ ମିନେରାଲ ରହିଛି । ତେଣୁ ଏହା ପିଇବା ଦ୍ୱାରା ଗଳାର ଦୁର୍ଗନ୍ଧତା ଦୂର ହୋଇଥାଏ । ଦାନ୍ତ ହାଡ଼କୁ ମଜବୁତ କରିବାରେ ଆଖୁରସର ଭୂମିକା ଅଧିକ । ଦାନ୍ତ ସମ୍ବନ୍ଧୀୟ କୌଣସି ଯନ୍ତ୍ରଣାରୁ ଏହା ଉପଶମ ବି ଦେଇଥାଏ ।

ତେବେ ଆଖୁରସ ବା ଅନ୍ୟ କୌଣସି ଜୁସ୍ ପିଇବା ପୂର୍ବରୁ ଏଥିରେ ସାମାନ୍ୟ ଲୁଣ ପକାଇ ପିଇଲେ ଗଳାରେ ଅସ୍ୱାଭାବିକ ଅନୁଭବ ହୁଏ ନାହିଁ ।

ଏଥିରେ ବରଫ ମିଶାଇ ପିଇବା ଅନୁଚିତ୍ । କାରଣ ଏହାଦ୍ୱାରା ଗଳା ସଂକ୍ରମଣ ହେବାର ଆଶଙ୍କା ରହିଛି । ଅଧିକ ସମୟ ଧରି ପ୍ରସ୍ତୁତ ହୋଇ ରହିଥିବା ଆଖୁରସ ପିଇବା ଦ୍ୱାରା ଅସୁସ୍ଥ ହେବାର ଆଶଙ୍କା ରହିଛି ।

## ଶିଶୁଙ୍କ ପାଇଁ ଡାଲି

**ଶିଶୁ** ପାଇଁ ଡାଲିପାଣି ବେଶ୍ ଉପଯୋଗୀ । କାରଣ ଡାଲିରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ରହିଥାଏ, ଯାହା ଶିଶୁର ହଜମ କ୍ଷମତାକୁ ବଢ଼ାଏ । ତା' ସହିତ ପ୍ରୋଟିନ୍ ଓ ପୋଷକତତ୍ତ୍ୱ ଶିଶୁର ବିକାଶ କରିଥାଏ । ସେହିପରି ସେଥିରେ ଆଇରନ, କ୍ୟାଲସିୟମ, ଫାଇବର କାର୍ବୋହାଇଡ୍ରେଟ୍ ଆଦି ତତ୍ତ୍ୱ ରହିଛି, ଯାହା ଶରୀର ପାଇଁ ଲାଭଦାୟକ ।



**ହଜମ ଶକ୍ତି ବଢ଼ାଇଥାଏ :** ଶିଶୁର ହଜମ ପ୍ରକ୍ରିୟା ଧୀରେ ଧୀରେ କାର୍ଯ୍ୟ କରିଥାଏ । ଏଥିପାଇଁ ୬ ମାସରୁ କମ୍ ଶିଶୁକୁ ଗରିଷ୍ଠ ଖାଦ୍ୟ ଦିଆଯାଇ ନ ଥାଏ କାରଣ ସେ ଗରିଷ୍ଠ ଖାଦ୍ୟ ହଜମ କରିପାରେ ନାହିଁ । ତେଣୁ ଏହି ସମୟରେ ଶିଶୁକୁ ମା' କ୍ଷୀର ସହ ବାହାର ଖାଦ୍ୟ ଭାବରେ ପ୍ରଥମେ ସିଝା ଡ଼ାଲି ଦେବା ଉଚିତ, ଏହା ଧୀରେ ଧୀରେ ଶିଶୁର ହଜମ ପ୍ରକ୍ରିୟାକୁ ବଢ଼ାଇଥାଏ ।

**ପୁଷ୍ଟିସାର ଯୋଗାଏ :** ଡାଲିରେ ପ୍ରଚୁର ପରିମାଣରେ ପୁଷ୍ଟିସାର ରହିଛି । ସେଥିପାଇଁ ଡାଲିକୁ କୁହାଯାଏ ପ୍ରୋଟିନର ଘର । ମୁଗ, ହରଡ଼ ଓ ମସୁର ଡାଲିରେ ୨୦ ରୁ ଅଧିକ ପୋଷକତତ୍ତ୍ୱ ରହିଥାଏ ।

**ରକ୍ତସ୍ତର ବୃଦ୍ଧି ପାଏ :** ଅଧିକାଂଶ ପିଲା ଜନ୍ମ ସମୟରେ ଅଧିକ ଦୁର୍ବଳ ହେବା ସହ ରକ୍ତହୀନତାର ଶିକାର ହୋଇଥାନ୍ତି । ତେଣୁ ଶିଶୁଟି ୬ ମାସର ହୋଇଗଲା ପରେ ଡାକ୍ତରଙ୍କ ପରାମର୍ଶ ନେଇ ତାକୁ ଡାଲି ଦେବା ଜରୁରୀ । କାରଣ ଡାଲିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ, ଯାହା ଶରୀରରେ ରକ୍ତର ମାତ୍ରା ବଢ଼ାଇଥାଏ । ତାହା ସହିତ ଏଥିରେ ଥିବା ଫାଇବର ଶିଶୁର ଖାଦ୍ୟନଳୀକୁ ସଫା କରିଥାଏ ।

**ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି :** ଯେଉଁ ଶିଶୁଙ୍କର ରୋଗ ପ୍ରତିରୋଧକ କ୍ଷମତା କମ୍ ହୋଇଥାଏ, ସେମାନେ ଖୁବ୍ ଶୀଘ୍ର ଅସୁସ୍ଥ ହୋଇ ପଡନ୍ତି । କିନ୍ତୁ ଡାଲି ଖାଇବା ଦ୍ୱାରା ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । କାରଣ ଡାଲିରେ ପ୍ରଚୁର ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ରହିଥାଏ । ଏହାଛଡ଼ା ଏଥିରେ ଥିବା ଜିଙ୍କ ଓ ଫଲିକ୍ ଏସିଡ୍ ବିଭିନ୍ନ ପ୍ରକାର ରୋଗରୁ ରକ୍ଷାକରିବା ସହ ଡିଏନଏ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

**ହାଡ଼ ମଜଭୁତ କରେ :** ଡାଲିରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫରସ ଓ ଭିଟାମିନ୍ ଡି ରହିଛି ଯାହା ଶିଶୁର ହାଡ଼ ମଜବୁତ କରିବା ସହ ମସ୍ତିଷ୍କ ବିକାଶରେ ସହାୟକ ହୋଇଥାଏ ।

## ଆଣ୍ଟାସିଡ୍‌ର ଉପରେ ପାକସ୍ଥଳୀ ପ୍ରଭାବ

**ପେଟ**ଜନିତ କିଛି ସମସ୍ୟା ଥିଲେ ଡାକ୍ତର ଆମକୁ କେତେକ ଔଷଧ ବ୍ୟତୀତ ଆଣ୍ଟାସିଡ୍ ଖାଇବାକୁ ପରାମର୍ଶ ଦେଇଥାଆନ୍ତି । ହେଲେ ଏହାକୁ ଦୀର୍ଘଦିନ ଧରି ଖାଇଲେ ତାହାର ପ୍ରଭାବ ପାକସ୍ଥଳୀ ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ପାକସ୍ଥଳୀଜନିତ ସମସ୍ୟା ଉପରେ ତର୍ଜମା କରିବା ସମୟରେ ସେମାନେ କେତେକ ନୂଆ ତଥ୍ୟ ବିଷୟରେ ଅବଗତ ହୋଇଥିଲେ । ସେଗୁଡିକ ମଧରେ ଥିଲା ଆଣ୍ଟାସିଡ୍ ବ୍ୟବହାର । ଅଧିକ ଦିନ ଏହାକୁ ଖାଇଲେ ତାହାର କୁପ୍ରଭାବ ପାକସ୍ଥଳୀ ଉପରେ ପଡିବାର ସେମାନେ ଜାଣିବାକୁ ପାଇଥିଲେ ।

## ସକାଳେ ବିଳମ୍ବରେ ଉଠିବାର ଅପକାରିତା

**ସ**କାଳ ହେବା ମାତ୍ରେ ଉଠିବା ଏକ ଭଲ ଅଭ୍ୟାସ । ହେଲେ ଏମିତି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସକାଳୁ ଉଠିବାରେ ବିଳମ୍ବ କରିଥାନ୍ତି । କିଛି ବ୍ୟକ୍ତିଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ । ତେବେ ସକାଳୁ ବିଳମ୍ବରେ ଉଠିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟାଧାରା ଉପରେ ପଡିଥାଏ । ସକାଳୁ ବିଳମ୍ବରେ ଉଠିବା ଏବଂ ତାହାର ମସ୍ତିଷ୍କ ଉପରେ ପ୍ରଭାବ' ଶୀର୍ଷକ ବିଷୟକୁ ନେଇ ସିଡନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧରୁ ଯେଉଁମାନେ ବିଳମ୍ବରେ ଉଠୁଥିଲେ ଏବଂ ଏହା ସେମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା । ସେପରି ବ୍ୟକ୍ତିଙ୍କର ମସ୍ତିଷ୍କ କାର୍ଯ୍ୟଧାରା ଏଥିଯୋଗୁଁ ପ୍ରଭାବିତ ହୋଇଥିବାର ଜଣାପଡିଥିଲା । ତେବେ ଏପରି ଅଭ୍ୟାସକୁ ତୁରନ୍ତ ପରିତ୍ୟାଗ କରିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।



## ଉଚ୍ଚ ରକ୍ତଚାପରୁ ରକ୍ଷା କରେ ପନିର

**ପ**ନିର ଉଚ୍ଚ ରକ୍ତଚାପରୁ ରକ୍ଷା କରେ ବୋଲି ସଦ୍ୟ ଅଧୟନରୁ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି । ଦୁଗ୍ଧଜାତୀୟ ଉତ୍ପାଦ ମାଧମରେ ସୋଡିୟମ ସେବନ କରୁଥିଲେ ହୃଦ୍ ପ୍ରଣାଳୀ ଉପରେ ଥିବା ଏହାର ହାନିକାରକ ପ୍ରଭାବରୁ ପନିର ରକ୍ଷା କରିପାରେ । ପନିରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଉପାଦାନରୁ ଏହି ସୁରକ୍ଷା ମିଳେ ବୋଲି ଗବେଷକମାନେ କହିଛନ୍ତି । ଖାଦ୍ୟ ସଚେତନତାରେ ସୋଡିୟମ ପରିମାଣରେ ନିୟନ୍ତ୍ରଣ ରଖିବାକୁ ପ୍ରସ୍ତାବ ଦିଆଯାଉଥିବା ବେଳେ ସଦ୍ୟ ଅଧୟନ ଏହାକୁ ଖଣ୍ଡନ କରିଛି । ଅଧୟନର ତଥ୍ୟ ଅନୁସାରେ, ଦୁଗ୍ଧ ଉତ୍ପାଦ ଯେମିତିକି ପନିର ମାଧମରେ ସୋଡିୟମ ସେବନ ରକ୍ଷାକାରୀ ହୋଇପାରେ । ଆମେରିକାର ପେନସିଲଭାନିଆ ଷ୍ଟେଟ ୟୁନିଭର୍ସିଟିର ସହ ପ୍ରଫେସର ଲାସି ଆଲେକଜାଣ୍ଡର ଏହା କହିଛନ୍ତି । ଅଧିକ ଦୁଗ୍ଧଜାତୀୟ ଉତ୍ପାଦ ଖାଉଥିବା ବ୍ୟକ୍ତିର ରକ୍ତଚାପ ନିମ୍ନ ରହେ ବୋଲି ସେ କହନ୍ତି । ଅନ୍ୟ ଉତ୍ପାଦ ତୁଳନାରେ ପନିର ମାଧମରେ ସୋଡିୟମ ଶରୀରକୁ ଗଲେ ହୃଦୟ ଉପରେ ତା'ର ନକାରାତ୍ମକ ପ୍ରଭାବ ନ ଥାଏ । ପନିରରେ ଉପଲବ୍ଧ ପ୍ରୋଟିନ୍ ଓ ପୋଷକ ତତ୍ତ୍ୱ ସୋଡିୟମର ନକାରାତ୍ମକ ପ୍ରଭାବରୁ ରକ୍ତବାହିକାକୁ ସୁରକ୍ଷା ପ୍ରଦାନ କରେ । ତେବେ ଏହି ସୁରକ୍ଷା ଦୀର୍ଘକାଳୀନ କି ନୁହେଁ, ତାହା ସ୍ପଷ୍ଟ ହୋଇନାହିଁ । ଅଧୟନ ନିମନ୍ତେ ଗବେଷକମାନେ ପ୍ରତିଯୋଗୀଙ୍କୁ ତିନି ଦିନ ମଧରେ ୫ ଟି ଭିନ୍ନ ଭିନ୍ନ ସମୟରେ ପନିର, ପ୍ରିଜେଲ (ଏକ ପ୍ରକାର ବିସ୍କୁଟ) ଓ ସୋୟା ପନିର ଖାଇବାକୁ ଦେଇଥିଲେ । ଏହା ପରେ ହୃତ୍ ପ୍ରଣାଳୀ ଉପରେ ପ୍ରତ୍ୟେକ ଖାଦ୍ୟର ପ୍ରଭାବକୁ ତୁଳନା କରିଥିଲେ । ବ୍ରିଟିଶ ପତ୍ରିକା 'ନ୍ୟୁଟ୍ରିସନ'ରେ ଅଧୟନ ପ୍ରକାଶ ପାଇଛି ।



## ଗୋଲମରିଚର ଲାଭକାରୀ ଗୁଣ

**ଭା**ରତୀୟ ରୋଷେଇ ଶାଳରେ ଗୋଲମରିଚର ଉପଯୋଗିତା ପ୍ରାୟ ଅଧିକାଂଶ ବ୍ୟଞ୍ଜନରେ ହୋଇଥାଏ । ବିଶେଷଜ୍ଞଙ୍କ ମତରେ ଦିନର ଆରମ୍ଭ ଗୋଲମରିଚର ଚା'ରେ କରିବା ଖୁବ୍ ଉପକାରୀ । ଏହା ହଜମ କ୍ଷମତା ବଢ଼ାଇବା ସହ ମେଦ ନିୟନ୍ତ୍ରଣ କରିବାରେ ଖୁବ୍ ସହାୟକ ହୋଇଥାଏ । ଆୟୁର୍ବେଦ ବିଶେଷଜ୍ଞ ଅନୁଷ୍କା ଜୈନଙ୍କ ମତରେ ସକାଳୁ ଉଠି ନଖ ଉଷୁମ ପାଣିରେ ଅଧ ଚାମଚ ଗୋଲମରିଚ ଗୁଣ୍ଡ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼େ । ଗୋଲମରିଚ ଶରୀରକୁ ବିଭିନ୍ନ ସଂକ୍ରମଣରୁ ରକ୍ଷା କରିବା ସହ ବାତ, ପିତ୍ତ ଓ କଫର ପ୍ରଭାବକୁ ମଧ କମ୍ କରେ । ଯେ କୌଣସି ବ୍ୟଞ୍ଜନରେ ଅଳ୍ପ ଗୋଲମରିଚ ବ୍ୟବହାର କଲେ ଏହା ଖାଦ୍ୟ ସୁସ୍ୱାଦୁ କରିବା ସହ ଶରୀର ପାଇଁ ହିତକାରୀ । ଭାରତୀୟଙ୍କ ନିକଟରୁ ଗୋଲମରିଚ ଗୁଣ୍ଡ ବ୍ୟବହୃତ ହେଉଛି । ଇଟାଲୀର ଲୋକପ୍ରିୟ ପିଜ୍ଜା ଖାଦ୍ୟରେ ଗୋଲମରିଚ ଏକ ମୁଖ୍ୟ ଅଂଶ ବିଶେଷଜ୍ଞ ହୋଇଯାଇଛି କହିଲେ ଚଳେ । ୨ ହଜାର ବର୍ଷ ପୂର୍ବରୁ ଭାରତରେ ଗୋଲମରିଚର ବ୍ୟବହାର ହୋଇ ଆସୁଛି ।

ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ଭରପୁର ଗୋଲମରିଚ ନିୟମିତ ସେବନ କଲେ ଏହା ହଜମ କ୍ଷମତା ବୃଦ୍ଧି କରାଇଥାଏ । ପ୍ରତ୍ୟହ ଏହାର ଗୁଣ୍ଡ ଖାଇଲେ କର୍କଟ ହେବାର ଆଶଙ୍କା ଯଥେଷ୍ଟ କମ୍ ହୋଇଥାଏ ।



ରକ୍ତଚାପ ନିୟନ୍ତ୍ରଣ କରୁଥିବା ଗୋଲମରିଚ କାଶରୁ ମଧ ରକ୍ଷା କରେ । ଏକ ଗବେଷଣାରୁ ଜଣାପଡିଛି ଯେ, ପାର୍କିନସନ୍ ରୋଗୀଙ୍କ ନିମନ୍ତେ ଗୋଲମରିଚ ଏକ ମହୌଷଧି । ଏଣୁ ସେମାନଙ୍କୁ ନିୟମିତ ଅଳ୍ପ ପରିମାଣର ଗୋଲମରିଚ ଖାଇବାକୁ ଦେବା ଭଲ ।

ଧୂମପାନ ଅଭ୍ୟାସରୁ ବର୍ତ୍ତିବାକୁ ଚାହୁଁଥିଲେ ଗୋଲମରିଚ ଗୁଣ୍ଡ ପ୍ରତ୍ୟହ ସେବନ କରନ୍ତୁ । ଫରକ୍ ଅଳ୍ପଦିନରେ ଜାଣି ପାରିବେ ।

# ରାମକଥା

**ଆ**ପଣ ଅକାରଣରେ ଶ୍ରୀରାମଙ୍କର ଶତ୍ରୁତା କରୁଛନ୍ତି । ଏହା କିନ୍ତୁ ଉଚିତ ନୁହେଁ । ଶ୍ରୀରାମଙ୍କର ଜଣେ ସେବକ ହନୁମାନ ଏଠାକୁ ଆସିଥିଲା । ସେ ଏକାକୀ ସମଗ୍ର ଲଙ୍କାକୁ ପୋଡିଦେଇ ଚାଲିଗଲା । ତାକୁ କେହି ବି ଧରି ପାରିଲେ ନାହିଁ । ମାରି ପାରିଲେ ନାହିଁ । ଏମାନେ ଯେଉଁମାନେ ଏତେ ଲମ୍ବା କଥା କହୁଛନ୍ତି ଏମାନଙ୍କର କଥା ଆଦୌ ବିଶ୍ୱାସ ଯୋଗ୍ୟ ନୁହେଁ ।

ବିଭୀଷଣ ସୁନ୍ଦର ଭାବରେ ବୁଝାଇଲେ । କିନ୍ତୁ ତାହା ରାବଣକୁ ଭଲ ଲାଗିଲା ନାହିଁ । ରାବଣ ରାଜସଭାରେ ବିଭୀଷଣଙ୍କୁ ଅପମାନିତ କଲା ଆଉ କହିଲା ମୋ ଘରେ ଖାଇ ତୁ ମୋତେ ଉପଦେଶ ଦେଉଛୁ, ମୋ ଶତ୍ରୁକୁ ପ୍ରଶଂସା କରୁଛୁ ।

ତୁ ମୋ ଭାଇ ହୋଇ ତପସ୍ୱୀଙ୍କୁ ପ୍ରଶଂସା କରୁଛୁ । ମୋର ବିନାଶ ଚିନ୍ତା କରୁଥିବା ତୁ ଲଙ୍କାରେ କାହିଁକି ରହିଛୁ ? ତୁ ଏଠାରେ ଆଉ ରହିପାରିବୁ ନାହିଁ । ତୁ ଲଙ୍କାକୁ ପଳା ।

ରାବଣ ବିଭୀଷଣଙ୍କୁ ଅପମାନିତ କଲା । ବିଭୀଷଣ ରାବଣକୁ ପ୍ରଣାମ କଲେ । ସେତେବେଳେ ରାବଣ ତାକୁ ଲାତ ମାରିଲା । ଯେଉଁ ଘରେ ସନ୍ଥଙ୍କୁ ଅପମାନ ଦିଆଯାଏ ସେହି ଘର ଅତିଶୀଘ୍ର ନାଶ ହୋଇଯାଏ । ରାବଣର ଲଙ୍କାରେ ସନ୍ଥ ବିଭୀଷଣ ରହୁଥିଲେ ବିଭୀଷଣଙ୍କ ପୁଣ୍ୟ ରାବଣକୁ ରକ୍ଷା କରୁଥିଲା । ପ୍ରତ୍ୟେକ ଘରେ ଜଣେ ଜଣେ ପୁଣ୍ୟାତ୍ମା, ଦୈବୀ ଜୀବ ଥାଆନ୍ତି । ତାଙ୍କର ପୁଣ୍ୟ ପ୍ରଭାବରେ ସେହି ଘର ସୁଖୀ ରହେ । ସେ ଚାଲିଯିବା ପରେ ସମସ୍ତେ ଦୁଃଖ ଯନ୍ତ୍ରଣାରେ ପୀଡିତ ହୁଅନ୍ତି ।

ଭାଗବତରେ ସୁନ୍ଦର କଥା ଅଛି । ଦୁର୍ଯ୍ୟୋଧନ ବିଦୁରଙ୍କୁ ଅପମାନିତ କଲା । ଦୁର୍ଯ୍ୟୋଧନ ବିଦୁରଙ୍କୁ କହିଲା, ତୁ ହେଉଛୁ ଦାସୀପୁତ୍ର । ମୋ ଘର ଅନ୍ନ ଖାଇ ମୋତେ ନିନ୍ଦା କରୁଛୁ । ମୋ ଘରେ ଖାଇ ମୋର ଶତ୍ରୁତା କରୁଛୁ । ବିଦୁରଙ୍କ ଧକ୍କା ମାରି ଘରୁ ବାହାର କରିଦେବା ପାଇଁ ଦୁର୍ଯ୍ୟୋଧନ ଚାକରମାନଙ୍କୁ ଆଦେଶ ଦେଲା । ବିଦୁର ଭାବିଲେ ଦୁର୍ଯ୍ୟୋଧନର ଚାକର ତାଙ୍କୁ ଧକାମାରି ବାହାର କଲେ ତାର ଘୋର ପାପ ହେବ । ମୁଁ ସଭା ତ୍ୟାଗ କରି ପକାଇବା ଦରକାର । ସେବକ ଧକ୍କା ମାରି ବାହାର କରିଦେବା ପୂର୍ବରୁ ବିଦୁର ଘର ତ୍ୟାଗ କରି ପଳାଇଗଲେ । ବିଦୁର ଚାଲିଯିବାରୁ କୌରବଙ୍କ ନାଶ ହେଲା । ରାବଣର ବି ବୁଦ୍ଧି ଭ୍ରଷ୍ଟ ହୋଇ ଯାଇଥିଲା । ତାର ବିନାଶ ସମୟ ପାଖେଇ ଆସିଥିଲା ।

କାଲ ଦଣ୍ଡ ଗହି କାହୁନ ନ ମାରା ।
ହରଇ ଧର୍ମ ବଲ ବୁଦ୍ଧି ବିଚାରା ।

କାଳ ଯାହା ନିକଟକୁ ଆସେ ତାର ବୁଦ୍ଧିବଳ ନଷ୍ଟ ହୋଇଯାଏ । ରାବଣ ବିଭୀଷଣଙ୍କୁ ତିରସ୍କାର କଲା । ବିଭୀଷଣ ପ୍ରଣାମ କରିବାକୁ ଲଇଁବା




ବେଳେ ସେ ଲାତ ମାରିଲା । ସେତେବେଳେ ବିଭୀଷଣ କହିଲେ ଅଗ୍ରଜ । ଧିକ୍କାରୋପି ତଥାପି ତ୍ୱଂ ଜ୍ୟେଷ୍ଠୋ ଭ୍ରାତା ପିତୁଃ ସମଃ ।

ବଡ଼ ଭାଇ ବାପ ଭଳି ହୋଇଥାଏ । ତୁମେ ହେଉଛ ମୋ ପିତା ସମାନ । ତୁମେ ମୋତେ ଲାତ ମାରିପାର, ତିରସ୍କାର କରିପାର, ତେବେ ବି ମୁଁ ତୁମକୁ ପ୍ରଣାମ କରୁଛି । ମୁଁ ତୁମର ସାନଭାଇ । ମୁଁ ତୁମକୁ ସ୍ନେହ କରେ । ଭାଇ, ମୁଁ ତୁମକୁ ପୁଣି ଥରେ ହାତଯୋଡି ପ୍ରାର୍ଥନା କରି କହୁଛି, ତୁମେ ଏତେ ଯେଉଁ ପାପ କରୁଛ, ତାହା କର ନାହିଁ । ପରେ ତୁମେ ନିଶ୍ଚୟ ଅନୁତାପ କରିବ । ପରମାତ୍ମା ଶ୍ରୀରାମଙ୍କର ବିରୋଧ କରିବା କଦାପି ଉଚିତ ନୁହେଁ । ଶ୍ରୀରାମଙ୍କ ସହିତ ବୈର କଲେ ବଂଶର ବିନାଶ ହୋଇଯିବ । ମୋତେ ଚାଲିଯିବାକୁ କହିଛ । ମୁଁ ତେଣୁ ଯାଉଛି । ମୁଁ ଆଜିଠାରୁ ଶ୍ରୀରାମଙ୍କର ଶରଣ ଗ୍ରହଣ କରିବି ।

ବାଟରେ ଯାଉଥିବାବେଳେ ବିଭୀଷଣ ନାନା ପ୍ରକାର ପବିତ୍ର ଚିନ୍ତା କରିବାରେ ଲାଗିଥିଲେ । ଭଗବାନ ଶଙ୍କର ଯାହାଙ୍କୁ ସବୁବେଳେ ହୃଦୟରେ ଧାରଣ କରୁଛନ୍ତି ମୁଁ ସେହି ପରମାତ୍ମାଙ୍କୁ ହିଁ ଚିନ୍ତା କରୁଛି ।

ହର ଉର ସର ସରୋଜ ପଦ ଜେଇ । ଅହୋଭାଗ୍ୟ ମେ ଦେଖିହଉଁ ତେଇ ।

ଆଜି ମୁଁ ଧନ୍ୟ ହୋଇଯାଇଛି । ଆଜି ମୋର ବଡ଼ ଭାଗ୍ୟ ଯେ ମୁଁ ପରମାତ୍ମାଙ୍କ ଶରଣ ଗ୍ରହଣ କରିବାକୁ ଯାଉଛି । କ୍ଷଣକ ପାଇଁ ବିଭୀଷଣଙ୍କ ମନରେ ଆଶଙ୍କା ହେଲା, କାଳେ ଯଦି ଶ୍ରୀରାମ ତାଙ୍କୁ ଶରଣ ପ୍ରଦାନ ନ କରନ୍ତି । ପର ମୁହୂର୍ତ୍ତରେ ସେ ପ୍ରକୃତିସ୍ଥ ହୋଇ ଭାବିଲେ, ଶ୍ରୀରାମ ତ ଅନ୍ତର୍ଯ୍ୟାମୀ । ମୋ ଭାବ ଅତି ଶୁଦ୍ଧ । ପରମାତ୍ମା ମୋତେ ନିଶ୍ଚୟ ନିଜର କରିନେବେ । ବିଭୀଷଣ ସମୁଦ୍ରକୂଳକୁ ଆସି ବାନର ଯୂଥପତିଙ୍କୁ ହାତଯୋଡି କହିଲେ ।

ମୁଁ ରାବଣକୁ ବହୁତ ବୁଝାଇଲି, ହେଲେ ସିଏ ମାନିଲା ନାହିଁ । ସେ ମୋତେ ତିରସ୍କାର କଲା, ମୋତେ ଲାତ ମାରିଲା । ମୁଁ ଶ୍ରୀରାମ ଶରଣ ପଶିଛି । ବାନରମାନେ ଶ୍ରୀରାମଙ୍କୁ ଏହାସବୁ କହିଲେ । ଭଗବାନ ଶ୍ରୀରାମ ତ ସବୁକଥା ଜାଣନ୍ତି । ତେବେ ବି କିଏ ଆସିଛି ବୋଲି ସୁଗ୍ରୀବଙ୍କୁ ପଚାରିଲେ ।

ସୁଗ୍ରୀବ କହିଲେ, ଇଏ ହେଉଛନ୍ତି ରାବଣର ଭାଇ ବିଭୀଷଣ । ଶ୍ରୀରାମ ପଚାରିଲେ ସେ କ'ଣ କହୁଛନ୍ତି ?

ସୁଗ୍ରୀବ କହିଲେ, ଶରଣଂ ଗତଃ, ଶରଣ ନେବାକୁ ଆସିଛି ବୋଲି କହୁଛନ୍ତି । ଶ୍ରୀରାମ କହିଲେ ତୁମେ କ'ଣ ଭାବୁଛ ?

ସୁଗ୍ରୀବ କହିଲେ, ମହାରାଜ । ଆପଣ ମୋତେ ପଚାରୁଛନ୍ତି ? ଏବେ ତ ଯୁଦ୍ଧ ସମୟ । ରାଜନୀତି ଅନୁସାରେ ଶତ୍ରୁକୁ କୌଣସି ପ୍ରକାରରେ ବିଶ୍ୱାସ କରିବା ଅନୁଚିତ । ଇଏ ରାବଣର ସାନଭାଇ । ଅର୍ଥାତ୍ ଶତ୍ରୁର ଭାଇ । ଏହାକୁ ବିଶ୍ୱାସ କରିବା ଉଚିତ ନୁହେଁ ।

ଇଏ ଆମର ଗୁପ୍ତ କଥା ଜାଣିବାକୁ ଆସିଛି । କପଟତା କରିବାକୁ ଆସିଥିବା ଭଳି ଜଣାପଡୁଛି । ଆପଣ ଆଦେଶ ଦେଲେ ଏହାକୁ ବାନ୍ଧି ଦିଅନ୍ତେ ।

# ସର୍ବେଦ

**ସୁରତି ନିରତି ଏକ ତାର ସେ,**
**ଜୋଡ଼ ଦୃଷ୍ଟି ସମ ହୋୟ ।**
**ପରି ଅନୁଭବ ନିଃଶବ୍ଦ କା, ସନ୍ତ**
**ମରମ ଗତି ସୋୟ । (୫୭)**

ଭାଷ୍ୟ : ସୁରତି ଓ ନିରତି ଗୋଟିଏ ସ୍ୱରୂପରେ ରହିଗଲେ ଚେତନ ଦୃଷ୍ଟି ତନ୍ମୟ ତଦାକାର ହୋଇଯାଏ ଓ ନିଃଶବ୍ଦ ପରମ ପୁରୁଷର ବ୍ୟାପକ ଅନୁଭବ ହେବାରେ ଲାଗେ । ଏହି ମର୍ମଗତିକୁ ସେହି ସନ୍ଥ ଜାଣନ୍ତି ଯିଏ ଏହି ଭବସ୍ଥିତି ପ୍ରାପ୍ତ ହୋଇଯାଇଛି ।

**ସୁଧା ଶ୍ରବିତ ଶୀତଳ ରବି, ଉଦୟ**
**ତତ୍ତ୍ୱ ଝନକାର ।**
**ଅରବ ବର୍ଷ ଆଭା ବରେ, ଅନୁଭବ**
**ପୁରୁଷ ହମାରା । (୫୮)**

ଭାଷ୍ୟ: ପ୍ରକାଶମାନ ଶବ୍ଦ ପ୍ରକଟ ହେବାରେ ସେହି ଶାନ୍ତି ସୋମ ପ୍ରଦାୟକ ପରମ ବ୍ରହ୍ମାଙ୍କ ଠାରୁ ଅମୃତ ଝରିଥାଏ । ସେହି ଶବ୍ଦାମୃତ ଧାରାର ଅନ୍ତର ବର୍ଷା ହେଲେ ଜ୍ୟୋତି ବୃଦ୍ଧି ପାଏ । ଏହା ସଦଗୁରୁ ଦେବଙ୍କ ଅନୁଭବରେ ପ୍ରକଟ ହେବା ପୁରୁଷ ଅଟନ୍ତି । ସାରା ଶବ୍ଦକୁ ଏହି ଦୋହାରେ 'ଶୀତଳ ରବି' କୁହାଯାଇଛି । କାହିଁକି ଏହି ପରମ ପ୍ରକାଶରେ ହିଁ ଆତ୍ମାକୁ ଶାନ୍ତି ମିଳିଥାଏ । ଅତଏବ ଶୀତଳ ସୋମରସ ପ୍ରଦାୟକ ହୋଇଥିବାରୁ ସେହି ପରମ ପ୍ରଭୁଙ୍କୁ 'ଶୀତଳ ରବି' କୁହାଯାଇଛି । ଅକ୍ଷର ଓନିଃଶବ୍ଦ ମଣ୍ଡଳରେ ପ୍ରକାଶ ଅନୁଭବ କରିବା




ବାଲା ଭେଦିକ ଯୋଗୀ ଏହି ତତ୍ତ୍ୱ ଭେଦ ଜ୍ଞାନକୁ ବୁଝିବେ । ଅର୍ଥାତ୍ ମେଘରୂପୀ ଅକ୍ଷରାତୀତ ପରମ ପୁରୁଷଙ୍କ ପରମ ଜ୍ୟୋତିରେ ସୋମ ଅମୃତର ପ୍ରକାଶମାନ ଧାରା ପ୍ରବାହିତ ହୋଇଥାଏ, ଯାହାକୁ ଯୋଗୀଜନମାନେ ପାଇ ପବିତ୍ର ଓ ପୂର୍ଣ୍ଣ ହୋଇ କୃତ କୃତ୍ୟ ହୋଇଯାଆନ୍ତି । ଅର୍ବ ମେଘକୁ କହନ୍ତି । ଅର୍ବର ଅରବ ରୂପ ଏଠାରେ ଲେଖାଯାଇଛି । ବୈଦିକ କୋଷ ନିଘଣ୍ଟୁର ଏହି ଶବ୍ଦ ଅଟେ ।

**ପଲଟି ଭୂମି ଦ୍ୱାଦଶ ସୈନ, ଅଚଲ**
**ବିରାଜତ ସନ୍ତ ।**
**ଷୋଡ଼ଶ କଳା ସେ ଅତମା,**
**ପ୍ରକଟତ ଫୁଲତ ବସନ୍ତ । (୫୯) ।**

ଭାଷ୍ୟ: ବିହଙ୍ଗମ ଯୋଗର ଉଚ୍ଚଭୂମି ପାଇଗଲେ ସେହି ଶକ୍ତି ଆତ୍ମା ତଥା ସମଗ୍ର ଦେହ ସଂଘାତକୁ ପୂର୍ଣ୍ଣ କରିଦିଏ ଏବଂ ଆତ୍ମା ସେହି ବ୍ୟାପକ ପ୍ରକଟ ଶକ୍ତିର ନିଜେ ଅନୁଭବ କରିବାରେ ଲାଗେ । ଜ୍ଞାନର ପୂର୍ଣ୍ଣତା ହୋଇ ଗଲେ ସର୍ବତ୍ର ଆନନ୍ଦ ଅନୁଭବ ହୁଏ । ଯୋଗୀଙ୍କ ଠାରେ ଆଗପଛ, ଉପର ତଳର ଭାବ ନ ହୋଇ ଏକରସ ପବିତ୍ର ବ୍ରହ୍ମସତ୍ତାର ଅନୁଭବ ହୋଇ ଥାଏ । ବିହଙ୍ଗମ ଯୋଗର ଅନ୍ତିମ ଭୂମିକୁ ପାଇଥିବା ଯୋଗୀ ଏହି ଆଧାତ୍ମିକ ରହସ୍ୟକୁ ଜାଣନ୍ତି । ସେହି ଦୋହାରେ ସମାଧି ପ୍ରାପ୍ତି ହୋଇ ଯୋଗୀର ଯେଉଁ ସ୍ଥିତି ହୁଏ, ସେହି ଅବସ୍ଥାର ବର୍ଣ୍ଣନା କରାଯାଇଛି । ଏହାର ସ୍ପଷ୍ଟ ଅର୍ଥ ଯୋଗୀକୁ ଯୋଗୀ ହିଁ ବତାଇ ପାରିବ । ଏହା ଗୁରୁଗମ୍ୟ ଅନୁଭବ ତତ୍ତ୍ୱ ଅଟେ ।

**ଅନ୍ତର ଯୋଗୀ ପ୍ରେମ କି ପିବତ**
**ସନ୍ତ ଅଯାହିଁ ।**
**ସୁଖ ଶାନ୍ତି ଅବିଚଳ ମିଳୈ, ଜନ୍ମ**
**ମରଣ ଦୁଃଖ ଜାହିଁ । (୬୦)**

ଭାଷ୍ୟ: ସେହି ପରମ ପ୍ରଭୁଙ୍କ ଅନ୍ତର ଯୌଁଟିକୁ ପିଇ ସନ୍ତଜନ ତୃପ୍ତ ହୋଇଯାନ୍ତି । ସେହି ପରମ ଆସ୍ୱାଦନରେ ସ୍ଥିର ସୁଖ ଶାନ୍ତି ପ୍ରାପ୍ତି ହୋଇଥାଏ ଏବଂ ଯିବା ଆସିବାର ଦୁଃଖ ଛାଡିଯାଏ ।

# ଗୀତା ଏକ ଯୋଗଶାସ୍ତ୍ର

**ଶ୍ରୀ**ମଦ୍ ଭଗବତ ଗୀତାର ପ୍ରତ୍ୟେକ ଅଧ୍ୟାୟର ଶେଷରେ ଲେଖାଯାଇଛି ଏହା ଏକ ବ୍ରହ୍ମବିଦ୍ୟା ସମ୍ବନ୍ଧିତ ଯୋଗଶାସ୍ତ୍ର । ଯୋଗ ଶବ୍ଦ ଯୁବ ଧାତୁରୁ ଆସିଛି ଯାହାର ଅର୍ଥ ସଂଯୋଗ କରିବା ବା ଯୋଡିବା । ଆତ୍ମା ସହିତ ପରମାତ୍ମା ମିଳନ ବା ସଂଯୋଗ ପାଇଁ ଏ ଆଧାତ୍ମିକ ଶାସ୍ତ୍ରର ରଚନା କରାଯାଇଛି । ଏହାକୁ ବ୍ରହ୍ମବିଦ୍ୟା କୁହାଯାଏ । ଶ୍ରୀମଦ୍ ଭଗବତ ଗୀତାର ନାମକରଣରୁ ସ୍ପଷ୍ଟହୁଏ ଯେ ସ୍ୱୟଂ ଭଗବାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶ୍ରୀମତ ବା ଶ୍ରେଷ୍ଠ ମତ ଏଥିରେ ସ୍ଥାନ ପାଇଛି । ଭଗବାନଙ୍କ ଶ୍ରୀମତକୁ କଲ୍ୟାଣକାରୀ ମତ ବା ଉପଦେଶ କୁହାଯାଏ । ଆତ୍ମା ମାନଙ୍କର ପିତା ପରମପିତା ପରମାତ୍ମା ଆତ୍ମାମାନଙ୍କର କଲ୍ୟାଣ ବା ମଙ୍ଗଳ ଉଦ୍ଦେଶ୍ୟରେ ଦେଇଥିବା ଶ୍ରୀମତକୁ ଶ୍ଲୋକ ବା ଗୀତ ଆକାରରେ ଲେଖାଯାଇଥିବାରୁ ଏହାକୁ ଶ୍ରୀମଦ୍ ଭଗବତ ଗୀତା କୁହାଯାଏ । ଶ୍ରୀମଦ ଭଗବଦଗୀତାର ଶ୍ଲୋକରେ ବର୍ଣ୍ଣନା କରାଯାଇଛି ଯେ ପରମାତ୍ମା ରହିବା ସ୍ଥାନ ପରମଧାମ ଯାହା ସୂର୍ଯ୍ୟ ଚନ୍ଦ୍ର ତାରାଗଣଙ୍କ ଉପରେ ଅବସ୍ଥିତ । ସେ ଅବ୍ୟକ୍ତ ବା କୌଣସି ଶରୀରଧାରୀ ନୁହନ୍ତି । ତାଙ୍କର ପ୍ରକୃତ ସ୍ୱରୂପ ଜ୍ୟୋତିର୍ବିନ୍ଦୁ ହୋଇଥିବାରୁ ଏବଂ ତାଙ୍କର ନିଜସ୍ୱ ଶରୀର ନ ଥିବାରୁ ସେ ଅଭୋକ୍ତା ଏବଂ କର୍ମାତୀତ । ସେହି ଭଗବାନଙ୍କ ଶ୍ରୀମତ ଏ ଶାସ୍ତ୍ରରେ ଲିପିବଦ୍ଧ ହୋଇଥିବାରୁ ଏଥିରେ ଭଗବାନୁବାଚ ବୋଲି ସମ୍ବୋଧିତ କରାଯାଇଛି ।

ଏହି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି ଯେ କ୍ରୋଧ କଲେ ସ୍ମୃତି ନଷ୍ଟ ହୁଏ ସ୍ମୃତି ନଷ୍ଟ ହେଲେ ବୁଦ୍ଧି ନାଶହୁଏ ଏବଂ ବୁଦ୍ଧି ନାଶହେଲେ ମନୁଷ୍ୟର ପତନ ହୁଏ । ମୋ ସହିତ ଯୋଗ ସ୍ଥାପନ କଲେ ତୁମେ କ୍ରୋଧ ଉପରେ ବିଜୟ ପ୍ରାପ୍ତ କରିପାରିବ । ଯୁଦ୍ଧକ୍ଷେତ୍ରରେ ଉତ୍ତେଜନା ସୃଷ୍ଟି କରିବା ପାଇଁ ଏହା ଯଦି ଗୀତାବାଣୀ କୁହାଯାଇଥାନ୍ତା ତେବେ କ୍ରୋଧ କରିବା ପାଇଁ କାହିଁକି ବାରଣ କରାଯାଇଛି ? କ୍ରୋଧ ବିନା କଣ ଯୁଦ୍ଧ କ୍ଷେତ୍ରରେ ଯୁଦ୍ଧ କରାଯାଇପାରେ ? ଆଜି ପର୍ଯ୍ୟନ୍ତ ମାନ୍ୟତା ରହିଛି ଯେ ଶାନ୍ତି ଓ ଆନନ୍ଦ ପାଇବା ପାଇଁ ଗୀତା ପଠନ ଏବଂ ଶ୍ରବଣ କରାଯାଇଥାଏ । ଗୀତା ଶୁଣିଲେ ବୀର ରସ ଓ ଆନନ୍ଦ ରସ ପ୍ରାପ୍ତ ହୁଏ । ବାସ୍ତବିକତା ଏହା ଯେ ଜ୍ଞାନସାଗର, ଶାନ୍ତିର ସାଗର, ସୁଖର ସାଗର ପରମାତ୍ମା ଆତ୍ମାକୁ କାଳ କବଳରୁ ମୁକ୍ତ କରିବା ପାଇଁ ଏହି ବ୍ରହ୍ମବିଦ୍ୟା ରୂପୀ ଯୋଗଶାସ୍ତ୍ରକୁ ଗୀତା ବା ଶ୍ଲୋକ ଆଧାରରେ ଶୁଣାଇଥିଲେ ।

କୁହାଯାଏ ଭଗବାନ ହିଁ ସତ୍ୟ । ସେ କେବେ ଜନ୍ମମରଣ ଚକ୍ରକୁ ଆସୁନଥିବାରୁ ସେ ଅବିନାଶୀ । ଏଥିପାଇଁ ତାଙ୍କୁ ସତ୍ୟ କୁହାଯାଏ । ସେହି ସତ୍ୟରକ୍ଷା କରିବା ପାଇଁ ମନୁଷ୍ୟ ସମାଜକୁ ଶ୍ରୀମତ ରୂପୀ ଦିଗଦର୍ଶନ ପ୍ରଦାନ କରିଥାନ୍ତି । ଏହି ଶ୍ରୀମତକୁ ଯେଉଁ ଆତ୍ମାମାନେ ନିଜ କର୍ମମୟ ଜୀବନରେ ପ୍ରତିଫଳିତ କରିଥାନ୍ତି ସେହିମାନେ ଦେବପଦବାଚ୍ୟ ହୋଇ ସୁଖ ଶାନ୍ତିରେ ଜୀବନଯାପନ କରିଥାନ୍ତି ।

# ବିଟ୍‌ର ଉପକାରିତା

**ଉ**ଚ୍ଚ ରକ୍ତଚାପ କମ୍ କରିବାରେ ବିଟ୍ ଲାଭଦାୟକ ହୋଇଥାଏ । ପ୍ରତି ଦିନ ୨୫୦ ମିଲିଲିଟର ବିଟ୍ ଜୁସ ପିଇବା ଦ୍ୱାରା ଶରୀରର ସିଷ୍ଟୋଲିକ୍ ଓ ଡାଓଷ୍ଟୋଲିକ୍ ବ୍ଲଡ ପ୍ରେସର ଉଭୟ ହ୍ରାସ ପାଇଥାଏ । ବିଟ୍ ରସରେ ଥିବା ନାଇଟ୍ରେଟ୍ ଦ୍ୱାରା ବ୍ଲଡ ସେଲ ଗୁଡିକରେ ରକ୍ତର ପ୍ରବାହ ଠିକ୍ ଭାବରେ ହୋଇଥାଏ । ଫଳରେ ରକ୍ତଚାପ କମ୍ ହୋଇଥାଏ ଓ ଉଚ୍ଚ ରକ୍ତଚାପ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଯେଉଁମାନେ ଓଜନ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି ସେମାନେ ପ୍ରତିଦିନ ସକାଳେ ବିଟ୍ ଜୁସ୍ ପିଇବା ଉଚିତ । ବିଟ୍ ଜୁସ୍‌ରେ ବହୁତ କମ୍ କ୍ୟାଲୋରୀ ଥାଏ ଓ ଏହା ପୋଷକତତ୍ତ୍ୱରେ ମଧ ଭରପୁର ହୋଇଥାଏ । ଏହା ପିଇବା ଦ୍ୱାରା ଶରୀରକୁ ଜରୁରୀ ପୋଷକତତ୍ତ୍ୱ ମିଳିଯାଏ ଓ ଓଜନ ମଧ ନିୟନ୍ତ୍ରଣରେ ରହିଥାଏ । ସକାଳେ ବିଟ୍ ଜୁସ୍ ପିଇବା ଦ୍ୱାରା ସାରାଦିନ ଆପଣ ଫୁର୍ତ୍ତି ଅନୁଭବ କରିଥାନ୍ତି ।

ଏକ ଅଧ୍ୟୟନ ରିପୋର୍ଟ ଅନୁଯାୟୀ ବିଟରେ ପ୍ରାକୃତିକ ରୂପରେ ଥିବା ନାଇଟ୍ରେଟ୍ ବୟସ୍କଙ୍କ ମସ୍ତିଷ୍କରେ ରକ୍ତ ପ୍ରବାହ ବୃଦ୍ଧି କରିଥାଏ । ଫଳରେ ବ୍ୟକ୍ତିର ସ୍ମରଣ ଶକ୍ତି ଠିକ୍ ରହିଥାଏ । ଏହି କାରଣରୁ ଡିମେନସିଆ ରୋଗୀଙ୍କ ଲାଗି ବିଟ୍ ଜୁସ୍ ବହୁତ ଲାଭଦାୟକ ହୋଇଥାଏ ।

ବିଟରେ ବେଟାଲେନ୍ ଭରି ରହିଛି । ଏହା ଏକ ଆଣ୍ଟିଅକ୍ସିଡାଣ୍ଟ । ବିଟ୍ ଖାଇବା ଦ୍ୱାରା କ୍ୟାନସର ସେଲ ବୃଦ୍ଧି ପାଇ ନ ଥାଏ । ବେଟାଲେନ ଫ୍ରି ରେଡିକାଲ୍ସ ବୃଦ୍ଧି କରିବାକୁ ମଧଦେଇ ନ ଥାଏ ।

ବିଟ୍‌ରେ ପୋଟାସିୟମ ଭରପୁର ରହିଥାଏ । ଏଣୁ ବିଟ୍ ଜୁସ୍ ପିଇବା ଦ୍ୱାରା ଶରୀରରେ ପୋଟାସିୟମ ସ୍ତର ଠିକ୍ ରହିଥାଏ । ଏହାଦ୍ୱାରା ଶରୀରର ମାଂସପେଶୀ ଠିକ୍ ଭାବରେ କାମ କରିଥାଏ । ଶରୀରରେ ପୋଟାସିୟମର ମାତ୍ରା ଠିକ୍ ରହିଲେ ମଣିଷ କ୍ଳାନ୍ତି ଅନୁଭବ କରି ନ ଥାଏ ।

ଆମ ଶରୀର ଠିକ୍ ଭାବରେ କାମ କରିବା ଲାଗି ମିନେରାଲ୍ସର ଆବଶ୍ୟକତା ରହିଛି । ବିଟ୍ ଜୁସରେ ଆଇରନ, ମ୍ୟାଗେନେସିୟମ, ମଙ୍ଗାନିଜ, ସୋଡିୟମ, ଜିଙ୍କ, କପର, ସେଲେନିୟମ ଭରି ରହିଛି । ବିଟରେ



ଥିବା ଏହି ସମସ୍ତ ମିନେରାଲ୍ସ ରୋଗ ପ୍ରତିରୋଧ ଶକ୍ତି ବଢାଇଥାଏ । ଏହା ଖାଇବା ଦ୍ୱାରା ଦାନ୍ତ ଓ ହାଡ଼ ମଜଭୁତ ରହିଥାଏ ।

ବିଟକୁ କଞ୍ଚା, ସୁପ, ସାଲାଡ ଓ ସ୍ମୁଦି ତଥା ବିଭିନ୍ନ ଖାଦ୍ୟ ପ୍ରସ୍ତୁତିରେ ମଧ ବ୍ୟବହାର କରାଯାଇଥାଏ । ଲାଲ୍‌ରଙ୍ଗ ଯୋଗୁଁ ମଧ ଏହା ସୁପରଫୁଡ୍ ଭାବେ ପରଗଣିତ ।

ବିଟରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ଓ ଆଣ୍ଟି ଅକ୍ସିଡାଣ୍ଟସ ଗୁଣ ଭରି ରହିଛି ଯାହା ଶରୀର ଲାଗି ଅତ୍ୟଧିକ ଲାଭଦାୟକ । ପ୍ରତିଦିନ ବିଟ ଖାଇବା ଦ୍ୱାରା ବ୍ଲଡ ପ୍ରେସର ସନ୍ତୁଳିତ ହୋଇଥାଏ ଓ କବଜ, କ୍ୟାନସରରୁ ରକ୍ଷା ମିଳିଥାଏ । ବିଟ୍ ଲିଭରର ସୁରକ୍ଷା କବଚ ଭାବେ କାର୍ଯ୍ୟ କରେ । ଏହା ମୁତ୍ର ଜରିଆରେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାର କରିବା ସହିତ ଡିଟକ୍ସିଫିକେଶନ ପ୍ରକ୍ରିୟାରେ ସହାୟତା ପ୍ରଦାନ କରିଥାଏ ।

ତ୍ୱଚା ଚମକ : ବିଟକୁ କାଟି ସିଝାଇ ଗ୍ରାଇଣ୍ଡିଂ କରି ମୁହଁ ଓ ଗଳାରେ ଲଗାନ୍ତୁ । ୩୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖି ନିୟମିତ ଥଣ୍ଡା ପାଣିରେ ଧୋଇଲେ ଏହା ତ୍ୱଚାରେ ଗୋଲାପୀ ଚମକ ପ୍ରଦାନ କରିଥାଏ ।

ରକ୍ତହୀନତା ଦୂର କରେ : ଏଥିରେ ପ୍ରଚୁର ପରିମାଣର ଆଇରନ ରହିଥିବାରୁ ଏହା ଲାଲ୍ ରକ୍ତକଣିକା ସୃଷ୍ଟି କରିବାରେ ବେଶ୍ ସହାୟକ ହେବା ସହିତ ରକ୍ତ ଅଭାବକୁ ପୂରଣ କରିଥାଏ ।

ମଧୁମେହ : ବିଟରେ ପଲିଫେନୋଲ୍ସ, ଫ୍ଲେବୋନଏଡସ ଓ ଆଣ୍ଟିକାୟନିନର ସ୍ରୋତ ରହିଛି ଯାହା ମଧୁମେହ ସ୍ତରକୁ କମ୍ କରିବାରେ ସହାୟକ ହୋଇଥାଏ ।

ଅସ୍ଥି ମଜଭୁତ : ବିଟରେ ପ୍ରଚୁର ପରିମାଣର କ୍ୟାଲସିୟମ୍ ରହିଥିବା ହେତୁ ଏହା ପ୍ରତିଦିନ ଖାଇବା ଦ୍ୱାରା ଦାନ୍ତ ମଜଭୁତ ହେବା ସହିତ ଅସ୍ଥି ମଜଭୁତ ହୋଇଥାଏ ।

ଗର୍ଭବତୀଙ୍କ ପାଇଁ : ଗର୍ଭାବସ୍ଥାରେ ବିଟ ଖାଇବା ଖୁବ୍ ଲାଭଦାୟକ ହୋଇଥାଏ । ଏଥିରେ ଥିବା ଫଲେଟ ଓ ମାଙ୍ଗାନିଜ, ପୋଟାସିୟମ, ଭିଟାମିନ-ସି, ଫସଫରସ ଗର୍ଭସ୍ଥ ଶିଶୁ ଓ ମା'କୁ ସୁସ୍ଥ ରଖିଥାଏ ।

ହୃଦୟ ସୁସ୍ଥ : ହୃଦୟକୁ ସୁସ୍ଥ ରଖିବା ପାଇଁ ବିଟ୍ ଖୁବ୍ ସହାୟକ ହୋଇଥାଏ । ଏଥିରେ ଥିବା ଭିଟାମିନ୍ ଓ ମିନେରାଲ୍ସ ହୃଦୟକୁ ସୁସ୍ଥ ରଖିଥାଏ । ହୃଦୟ ରୋଗରୁ ରକ୍ଷା ପାଇବା ପାଇଁ ବିଟ୍ ପ୍ରତିଦିନ ନିଶ୍ଚୟ ଖାଆନ୍ତୁ ।

# ଉପକାରୀ ପିଜୁଳି

**ପି**ଜୁଳିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ରୋଗ ପ୍ରତିରୋଧକ ଶକ୍ତିକୁ ସନ୍ତୁଳିତ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଦୈନନ୍ଦିନ ଖାଦ୍ୟ ତାଲିକାରେ ପିଜୁଳିକୁ ସାମିଲ କରନ୍ତୁ । ଏଥିରେ ଥିବା ଭିଟାମିନ୍ ସି ' ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିଥାଏ । ଆଉ ଏକ କଥା । ପିଜୁଳି ହେଉଛି ଫାଇବରର ଗନ୍ତାଘର । ୟୁନିଭର୍ସିଟି ଅଫ୍ ୱାଶିଂଟନର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ପିଜୁଳି ଖାଇବା ଦ୍ୱାରା କ୍ୟାନସର ଆଶଙ୍କାକୁ କେତେକାଂଶରେ ଦୂର କରାଯାଇପାରିବ । ଅନ୍ୟପକ୍ଷରେ ପିଜୁଳିରେ ପୋଟାସିୟ୍ ଏବଂ ମ୍ୟାଗ୍ନେସିୟ୍ ଭରି ରହିଛି । ଏହା ମାଂସପେଶୀକୁ ଦୃଢ଼ ହେବାରେ ସହାୟକ ହୋଇଥାଏ । ତା ' ସହ କୋଷ୍ଠକାଠିନ୍ୟଜନିତ ସମସ୍ୟା ଦୂର କରିବାରେ ପିଜୁଳି ସାହାଯ୍ୟ କରିଥାଏ ।



# ଆପଣ ଜାଣନ୍ତି କି ?

- ଇଜିପ୍ଟରେ କେତେଜଣ ବଇଦ ରୋଗୀର ଦାନ୍ତ ବିନ୍ଧାରେ ମୃତ ମୂଷାଙ୍କ ପେଷ୍ଟ ଲଗାଇଥାନ୍ତି । ସେଠାରେ ବୟସ୍କ ଲୋକଙ୍କ ସହ ଯୁବପିଢ଼ୀ ମଧ ଏଭଳି ଚିକିତ୍ସା କରାଇବାରେ ଆଦୌ ଦ୍ୱିଧା ପ୍ରକାଶ କରୁ ନଥିବାର ଜଣାପଡିଛି । ଏପରି ପ୍ରକ୍ରିୟାର ଚିକିତ୍ସା ଇଂଲଣ୍ଡର କେତୋଟି ଗ୍ରାମର ହୋଇଥାଏ ।
- ଚୀନରେ ପାଣିରେ ରହୁଥିବା ସାପକୁ ଧରି ଆଣ୍ଠୁଗଣ୍ଠି ଚିକିତ୍ସା ପାଇଁ ବ୍ୟବହୃତ କରାଯାଏ । ୧୯୦୦ ବେଳକୁ ସେଠାରେ ଆରମ୍ଭ ହୋଇଥିବା ଏହି ଚିକିତ୍ସା ପଦ୍ଧତି ଆଜି ମଧ ଚାଲୁଛି । ସାପଗୁଡିକୁ ବ୍ୟବହୃତ କରି ଏକ ପ୍ରକାର ତେଲ ପ୍ରସ୍ତୁତ କରାଯାଏ । ଏହି ତେଲ ମାଲିସରେ ଜଣେ ବ୍ୟକ୍ତି ଗଣ୍ଠି ବ୍ୟଥାରୁ ମୁକ୍ତି ପାଏ ।
- ଅଷ୍ଟ୍ରେଲୀୟ ଚିକିତ୍ସକମାନେ କୁମ୍ଭୀର ମଳରୁ ଅନେକ ପ୍ରକାରର ଚିକିତ୍ସା କରିଥାନ୍ତି ।
- ଇଉରୋପର କେତୋଟି ପ୍ରାନ୍ତରେ ୧୬୦୦ ଶତାବ୍ଦୀରୁ ଏକ ଚିକିତ୍ସା ହୋଇ ଆସୁଛି । ମୃତ ବ୍ୟକ୍ତିର ଶବର ହାଡ଼କୁ ଗୁଣ୍ଡ କରି ଏକ ପାଉଡ଼ର ପ୍ରସ୍ତୁତ କରାଯାଏ । ଖଣ୍ଡିଆଖାବରା ସ୍ଥାନରେ ଏହାକୁ ଲଗାଇଲେ ଉପକାର ମିଳେ ବୋଲି ପ୍ରକାଶ । ଆଜି ମଧ ସେଠାରେ ଅଧିକାଂଶ ସ୍ଥାନରେ ଥିବା ଔଷଧ ଦୋକାନରେ ଏହି ପାଉଡ଼ର ଉପଲବ୍ଧ ।
- ସେକ୍ସପିଅରଙ୍କ କନ୍ୟା ସଂପୂର୍ଣ୍ଣ ଅଶିକ୍ଷିତ ଥିଲେ ।
- ସେକ୍ସପିଅର୍ ଗଞ୍ଜେଇ ସେବନ କରୁଥିଲେ ।
- ତାଙ୍କର ଜନ୍ମ ଓ ମୃତ୍ୟୁ ଗୋଟିଏ ତାରିଖରେ ହୋଇଥିଲା । ଇଂରେଜୀ ଶବ୍ଦ You ର ସଂକ୍ଷିପ୍ତ ରୂପ 'u' ପ୍ରଥମେ ସେ ବ୍ୟବହାର କରିଥିଲେ ।

# କହିପାରିବେ କି ?

(୧) ବିଶ୍ୱର ବୃହତ୍ ସୌର କମ୍ପାନୀର ନାମ କ'ଣ ?
(୨) ବ୍ରିଟିଶ ଶାସନ ଦ୍ୱାରା କେଉଁ ଦୁଇଟି ସ୍ଥାନରେ ପ୍ରଥମ ରେଲୱେ ଲାଇନ ଆରମ୍ଭ କରାଯାଇଥିଲା ?
(୩) ରାଜ୍ୟ ସଭାର ବୈଠକର ଅଧକ୍ଷତା କିଏ କରିଥାନ୍ତି ?
(୪) ଲାକ୍ଷାଦ୍ୱୀପର ରାଜଧାନୀ କ'ଣ ?
(୫) କେଉଁ ପକ୍ଷୀ ୨୭୦ ଡିଗ୍ରୀ ପର୍ଯ୍ୟନ୍ତ ମୁଣ୍ଡ ବୁଲାଇ ପାରିଥାଏ ?
(୬) କେଉଁ ପକ୍ଷୀ ଗନ୍ଧ ବାରି ଶିକାର କରିଥାଏ ?
(୭) ମାଛ ନିଶ୍ୱାସ ପ୍ରଶ୍ୱାସ ପାଇଁ ତା'ର କେଉଁ ଅଙ୍ଗ ପ୍ରୟୋଗ କରିଥାଏ ?
(୮) କେଉଁ ରାଜ୍ୟରେ କାନ୍ନଡ ଭାଷା କୁହାଯାଏ ?
(୯) ଭାରତର ଜାତୀୟ ଜଳଜୀବର ନାମ କ'ଣ ?
(୧୦) ଭାରତର ଜାତୀୟ ସରୀସୃପର ନାମ କ'ଣ ?

## JUMBLE WORDS

| | | | |
|---|---|---|---|
| 1) ROGENV | = | 6) LLRPUA | = |
| 2) SAWLEE | = | 7) MOCEA | = |
| 3) HECPE | = | 8) PUSOY | = |
| 4) CRSFA | = | 9) RJUNIE | = |
| 5) LUTDON | = | 10) ZSNAAT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଭାଦଲା ସୋଲାର ପାର୍କ, ୨. ମୁମ୍ବାଇରୁ ଥାନେ ମଧରେ, ୩. ଉପରାଷ୍ଟ୍ରପତି, ୪. କାରାବତି, ୫.ପେଚା, ୬. କିୱି, ୭. ଗାଲିସି, ୮. କର୍ଣ୍ଣାଟକ, ୯. ଡଲଫିନ, ୧୦. କିଙ୍ଗ କୋବରା ।

***Jumble Words*** ର ଉତ୍ତର **:-**

(1) SUSHI (2) MERRY (3) OPPOSE(4) GATHER (5) AMAZE
(6) CROWD (7) FLAUNT (8) BOOGIE (9) SWIRL (10) NINTH

# ପଞ୍ଚତତ୍ତ୍ୱର ସନ୍ତୁଳନ ଆବଶ୍ୟକ

**ପ**ରିବେଶ ସହିତ ଆମର ଜୀବନ ଯୋଡି ହୋଇଛି ଏବଂ ପରିବେଶରେ ପଞ୍ଚତତ୍ତ୍ୱ ସମାହିତ, ଯାହା ମିଶି ଆମର ଶରୀର ନିର୍ମିତ ହୋଇଛି । ଗୋସ୍ୱାମୀଙ୍କ କୃତ ଶ୍ରୀରାମଚରିତ ମାନସରେ ଭଗବାନ ଶ୍ରୀରାମ କହିଛନ୍ତି, କ୍ଷିତି ଜଳ ପାବକ ଗଗନ ସମୀରା ପଞ୍ଚ ରଚିତ ଅତି ଅଧମ ଶରୀରା । ଅର୍ଥାତ୍ ପୃଥିବୀ, ଜଳ, ଅଗ୍ନି, ଆକାଶ ଓ ବାୟୁ ଏହି ପାଞ୍ଚଟି ତତ୍ତ୍ୱରେ ଆମର ଅତ୍ୟନ୍ତ ଅଧମ ଶରୀରର ରଚନା ହୋଇଛି । ଆମ ପ୍ରକୃତି ଓ ପରିବେଶରେ ମଧ ଏହି ପାଞ୍ଚଟି ତତ୍ତ୍ୱ ମୁଖ୍ୟ ରୂପେ ଗୋଳି ହୋଇଛି । ଯଦି ଏହି ତତ୍ତ୍ୱ ପ୍ରଦୂଷିତ ହୋଇଯାଏ ତ ଏହା ଦ୍ୱାରା କେବଳ ଆମର ପରିବେଶ ଦୂଷିତ ହୁଏ ନାହିଁ, ବରଂ ଆମ ଶରୀର ଓ ମନ ବି ଅସୁସ୍ଥ, ରୋଗଗ୍ରସ୍ତ ହୋଇଥାଏ ।

ପ୍ରକୃତିରେ ଗୋଳି ହୋଇ ରହିଥିବା ଏହି ପଞ୍ଚତତ୍ତ୍ୱ ପରସ୍ପର ସହିତ ମିଶି ରହିଛି, ପରସ୍ପର ସହିତ ଯୋଡି ହୋଇ ରହିଛି । ଏଗୁଡିକ ମଧ୍ୟରୁ କୌଣସି ତତ୍ତ୍ୱରେ ହେଉଥିବା ସନ୍ତୁଳନ ଅଥବା ଅସନ୍ତୁଳନ ଅନ୍ୟ ତତ୍ତ୍ୱକୁ ପ୍ରଭାବିତ କରିଥାଏ । କୌଣସି ତତ୍ତ୍ୱର ହ୍ରାସ ଓ ବୃଦ୍ଧି ଅନ୍ୟ ତତ୍ତ୍ୱକୁ ପ୍ରଭାବିତ କରିଥାଏ । ଏହିପରି କୌଣସି ତତ୍ତ୍ୱ ପ୍ରଦୂଷିତ ହେଲେ ତାହା ଅନ୍ୟ ତତ୍ତ୍ୱକୁ ପ୍ରଭାବିତ କରିଥାଏ । ଠିକ୍ ଏହିପରି ଯଦି ଆମ ଶରୀରରେ ପଞ୍ଚତତ୍ତ୍ୱ ମଧ୍ୟରୁ କୌଣସି ତତ୍ତ୍ୱରେ ହ୍ରାସ ବା ବୃଦ୍ଧି ହୋଇଥାଏ ତେବେ ସମ୍ବନ୍ଧିତ ରୋଗ ଶରୀରରେ ଉତ୍ପନ୍ନ ହୋଇଯାଏ, ଯେପରି ଶରୀରରେ ବାୟୁ ତତ୍ତ୍ୱ ଅଧିକ ହେଲେ ବାତରୋଗ ହୋଇଥାଏ ଏବଂ ବାୟୁ ତତ୍ତ୍ୱର ଅସନ୍ତୁଳନ ଯୋଗୁଁ ଶରୀରର କ୍ରିୟାବିଧିରେ ସମସ୍ୟା ସୃଷ୍ଟି ହୋଇଥାଏ ।

ଅଗ୍ନି ଅଧିକ ହେଲେ ଅମ୍ଳତା ବା ଏସିଡିଟି ହୋଇଥାଏ ଓ ଅଗ୍ନି ହ୍ରାସ ପାଇଲେ ମନ୍ଦାଗ୍ନି ହେବା ଯୋଗୁଁ ଖାଦ୍ୟ ଠିକରେ ହଜମ ହୁଏ ନାହିଁ । ପୃଥିବୀ ତତ୍ତ୍ୱ ଅଧିକ ହେଲେ ମେଦବହୁଳତା ହୁଏ ଏବଂ କମ୍ ହେଲେ ଶରୀର ଦୁର୍ବଳ ହୋଇଯାଏ । ଜଳ ତତ୍ତ୍ୱର ଅଧିକତା ଯୋଗୁଁ ଶରୀରରେ ଶୁଷ୍କତା ଦେଖିବାକୁ ମିଳେ । ଆକାଶ ତତ୍ତ୍ୱର ଅଧିକତା ହେଲେ ଅଙ୍ଗପ୍ରତ୍ୟଙ୍ଗରେ ପୀଡା ରହିଥାଏ ଓ ଆକାଶ ତତ୍ତ୍ୱ ହ୍ରାସ ପାଇଲେ ବଧିରତା, ଅସ୍ଥିର ସନ୍ଧି ସ୍ଥାନଗୁଡିକରେ ନମନୀୟତାର ଅଭାବ ଦେଖାଯାଏ ।

ଏହିପରି ପଞ୍ଚତତ୍ତ୍ୱରେ ସନ୍ତୁଳନ ବହୁତ ଜରୁରୀ, ତେଣିକି ତାହା ଶରୀରର କଥା ହେଉ ବା ପରିବେଶର କଥା । ବର୍ତ୍ତମାନ ସମୟର ସ୍ଥିତି ଦୁର୍ଭାଗ୍ୟପୂର୍ଣ୍ଣ, କାରଣ ଆମ ଶରୀର ଓ ଆମ ପରିବେଶ ଉଭୟ ଏବେ ପ୍ରଦୂଷଣ ସମସ୍ୟାରେ ଭୀଷଣ ଭାବରେ ଜର୍ଜରିତ, ଯେଉଁ କାରଣରୁ ଆମର ପ୍ରକୃତି ଓ ପରିବେଶରେ ନିତ୍ୟ ନୂତନ ଏବଂ ଭଳିକି ଭଳି ଉପଦ୍ରବ ଘଟୁଛି ।

ବର୍ତ୍ତମାନ ସମୟରେ ପୃଥିବୀ ସବୁଠାରୁ ବଡ଼ ସଂକଟ ହେଉଛି ଜଳ ସଂକଟ । ଏହି କାରଣରୁ ଭୂଗର୍ଭରେ ଜଳ ସ୍ତର ବହୁତ କମି ଗଲାଣି । ଏହା ସହିତ ବର୍ଷାଋତୁ ବ୍ୟତୀତ ଅନ୍ୟ ଋତୁଗୁଡିକରେ ନଦୀ, ପୋଖରୀ ଓ ଝରଣାର ଜଳ ସ୍ତର ବହୁତ କମ୍ ହୋଇଯାଏ । ବର୍ତ୍ତମାନ ଅଧିକାଂଶ ନଦୀର ଜଳ ପ୍ରଦୂଷିତ ହୋଇଯାଇଛି । ଅନେକ କୂଅ, ପୋଖରୀ ଶୁଖି ଗଲାଣି ।

ଜଳ ସଂକଟ ସହିତ ଗ୍ଲୋବାଲ ୱାର୍ମିଂ କାରଣରୁ ପୃଥିବୀର ତାପମାତ୍ରା ବୃଦ୍ଧି ପାଉଛି, ଫଳରେ ମେରୁ ଅଞ୍ଚଳରେ ଜମି ରହିଥିବା ବରଫ ଧୀରେ ଧୀରେ ତରଳୁଛି । ଏହା ଦ୍ୱାରା ସମୁଦ୍ରର ଜଳ ସ୍ତର ଯଦି ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡରୁ ଆଗକୁ ବଢ଼ିଯିବ, ତେବେ ତଦ୍ୱାରା ସମୁଦ୍ର କୂଳରେ ଥିବା ସହର ଜଳମଗ୍ନ ହୋଇଯିବ, ବୁଡିଯିବ । ବାତାବରଣରେ ତାପମାତ୍ରା ବଢ଼ିଲେ ଗ୍ରୀଷ୍ମ ଋତୁରେ ପ୍ରାୟ ଜଙ୍ଗଲରେ ନିଆଁ ଲାଗିଯାଏ, ଯାହା ଅତ୍ୟନ୍ତ ଭୟଙ୍କର ହୋଇଥାଏ, ତଥା ସେହି କାରଣରୁ ଆମର ଅସଂଖ୍ୟ ବନସ୍ପତି, ଜୀବଜନ୍ତୁ ଜଳିପୋଡି ନଷ୍ଟ ହୋଇଯାଏ ।

ଆଖିବୁଜା ବୃକ୍ଷଲତାଗୁଡିକୁ କାଟିଦେବା ଫଳରେ ବର୍ଷା ଋତୁରେ ମୃତ୍ତିକା କ୍ଷୟ ହେବା ଯୋଗୁଁ ଭୂମି ଟାଙ୍ଗରା ହୋଇଯାଏ, ତାହା ବର୍ଷା ଋତୁର ଜଳକୁ ଅବଶୋଷିତ କରିପାରେ ନାହିଁ । ବୃକ୍ଷଲତା ସଂଖ୍ୟା ହ୍ରାସ ପାଇବା କାରଣରୁ ଠିକ୍ ସମୟରେ ବର୍ଷା ହେଉ ନାହିଁ, ଯେହେତୁ ବୃକ୍ଷଲତା ହିଁ ବର୍ଷା କରିବା ପାଇଁ ମେଘକୁ ଆକର୍ଷଣ କରିଥାଏ । ଏହା ସହିତ ସବୁଜିମା କମିଯିବା ଦ୍ୱାରା ପ୍ରଦୂଷଣକାରୀ ତତ୍ତ୍ୱଗୁଡିକ ବୃଦ୍ଧି ପାଉଛି, କାରଣ ବୃକ୍ଷଲତାର ସବୁଜିମା ବାତାବରଣର ପ୍ରଦୂଷକ ତତ୍ତ୍ୱଗୁଡିକୁ ଶୋଷିନିଏ ଏବଂ ତାହାକୁ ସ୍ୱଚ୍ଛ କରିଥାଏ ।

ଏହିପରି ଆମେ ଆମର ପରିବେଶକୁ ରକ୍ଷା କରିବାକୁ ହେଲେ ତାହାର ଆରମ୍ଭ ଜଳ ତତ୍ତ୍ୱରୁ କରିବାକୁ ହେବ କାରଣ ଯଦି ଆମ ପରିବେଶରେ ଜଳ ରହିବ ନାହିଁ ତ ଜୀବନ ବଞ୍ଚିବ ନାହିଁ । କୌଣସି ଗ୍ରହରେ ଜୀବନର ଅନ୍ୱେଷଣ କରିବା ପାଇଁ ସେଠାରେ ସର୍ବପ୍ରଥମେ ଜଳ ତତ୍ତ୍ୱକୁ ଖୋଜାଯାଏ । ଯଦି ସେଠାରେ ଜଳ ତତ୍ତ୍ୱ ମହଜୁଦ ଥାଏ, ତ ସେଠାରେ ଜୀବନ ସମ୍ଭବ ହେବାର ଆଶା ରହିଥାଏ । ଜଳ ତତ୍ତ୍ୱ କାରଣରୁ ହିଁ ଆମର ବିଭିନ୍ନ ସଂସ୍କୃତି ଓ ସଭ୍ୟତା ପ୍ରାୟ ନଦୀ କୂଳରେ ହିଁ ବିକଶିତ ହୋଇଛି ଏବଂ ସେଥିପାଇଁ ଆମେ ଆମର ପରିବେଶକୁ ବଞ୍ଚାଇବାକୁ ହେଲେ, ତାହାକୁ ସୁରକ୍ଷିତ କରିବାରେ ଯୋଗଦାନ ଦେବାକୁ ହେଲେ, ଆମକୁ ସର୍ବପ୍ରଥମେ ଆମ ପ୍ରକୃତି ଓ ପରିବେଶରେ ମହଜୁଦ ଥିବା ଜଳ ତତ୍ତ୍ୱକୁ ସମ୍ଭାଳିବାକୁ ହେବ, ତାକୁ ସୁରକ୍ଷିତ କରିବାକୁ ହେବ, ସ୍ୱଚ୍ଛ କରିବାକୁ ହେବ ଏବଂ ତାହାର ସଂଗ୍ରହ କରିବାକୁ ହେବ ।

ଜଳ ତତ୍ତ୍ୱ ଦ୍ୱାରା ଭୂମିରେ ଆର୍ଦ୍ରତା ଆସିବ, ବୃକ୍ଷଲତା ଉତ୍ପନ୍ନ ହେବ, ସବୁଜିମା ବଢ଼ିବ । ସବୁଜିମା ବଢ଼ିଲେ ବାତାବରଣରେ ନିରନ୍ତର ବଢୁଥିବା ତାପମାତ୍ରା ଓ ଅନ୍ୟ ପ୍ରଦୂଷଣକାରୀ ତତ୍ତ୍ୱଗୁଡିକ ବୃକ୍ଷଲତା ଦ୍ୱାରା ଅବଶୋଷିତ ହେବେ, ବୃକ୍ଷଲତାର ପତ୍ର ଭୂମି ଉପରେ ପଡିବା ଦ୍ୱାରା ଓ ସାର ପାଣି ଦ୍ୱାରା ତାହାର ଉର୍ବରତା ବଢ଼ିବ, ବାତାବରଣରେ ସବୁଜିମା ବଢ଼ିବ ଏବଂ ଜଳ ତତ୍ତ୍ୱର ସନ୍ତୁଳନ ଫଳରେ ଅଗ୍ନି ଓ ଆକାଶ ତତ୍ତ୍ୱ ମଧ ସନ୍ତୁଳିତ ହୋଇଯିବ ।

ଏହିପରି ପରିବେଶକୁ ବଞ୍ଚାଇବା ପାଇଁ ଆମକୁ ପ୍ରକୃତିର ଜଳ ତତ୍ତ୍ୱକୁ ବଞ୍ଚାଇବା ପ୍ରତି ଧ୍ୟାନ ଦେବାକୁ ହେବ, ଏହା ସହିତ ପୃଥିବୀରେ ସବୁଜିମା ବଢ଼ିଲେ ଅନ୍ୟ ସବୁ ତତ୍ତ୍ୱ ସ୍ୱତଃ ସନ୍ତୁଳିତ ହୋଇଯିବ । ବାସ୍, ଆମକୁ କେବଳ ଏଥିରେ ସହଯୋଗ ଦେବାକୁ ହେବ । ଯଦି ବୃକ୍ଷଲତାର ସୁରକ୍ଷା କରାଯିବ, ତେବେ ତାହା ଆମର ଜୀବନକୁ ସୁରକ୍ଷିତ କରିବ ଏବଂ ଆମକୁ ସୁସ୍ଥ ରଖିବାରେ ସହଯୋଗ ଦେବ । ଏହିପରି ପଞ୍ଚତତ୍ତ୍ୱର ସନ୍ତୁଳନ ହିଁ ପରିବେଶକୁ ସନ୍ତୁଳିତ ରଖିବାର କାର୍ଯ୍ୟ ସମ୍ପନ୍ନ କରି ପାରିବ ।

# ଗାୟତ୍ରୀ ମନ୍ତ୍ର/ମାନବ ସ୍ଥିତି

## ଗୋପୀନାଥ ଷଡ଼ଙ୍ଗୀ

ଭୂଃ ସ୍ଥିତିର ଲୋକେ ତମ ଗୁଣୀ ଅଟନ୍ତି । ସେମାନେ ସର୍ବଦା ଭୋଗ ବିଳାସରେ ମାତିଥାନ୍ତି । ଭୋଗ ବିଳାସ ପ୍ରାପ୍ତି ପାଇଁ ଏମାନେ ମନ୍ଦିରକୁ ଯାଇ ବିଭିନ୍ନ ଦେବାଦେବୀ ପୂଜା କରିଥାନ୍ତି । ଏ ଶ୍ରେଣୀୟ ବ୍ୟକ୍ତି ସୃଷ୍ଟି ପ୍ରାରମ୍ଭିକ ମୁକ୍ତି ପାଇଥାନ୍ତି ଯାହାକି ପ୍ରକୃତ ମୁକ୍ତି ନୁହେଁ ।

ଭୁବଃ ସ୍ତରର ଲୋକେ ରଜ ଗୁଣୀ ଅଟନ୍ତି । ଏମାନେ ସକାମ ପୂଜା, ଉପାସନା କରି ସୁଖ ପାଆନ୍ତି ଏବଂ ତାର ପର ମୁହୂର୍ତ୍ତରେ ଖରାପ କାମ କରି ଦୁଃଖ ପାଆନ୍ତି । ଏମାନେ ଉଚ୍ଚମାନର ସୃଷ୍ଟି ଓ ଆଂଶିକ ସିଦ୍ଧି ପାଇଥାନ୍ତି ।

ସ୍ୱଃ ସ୍ଥିତିରୁ ସତ୍ତ୍ୱଗୁଣର ପ୍ରକାଶ ଆରମ୍ଭ ହୁଏ । ଏମାନେ ମଧ ପାର୍ଥିବ ଭୋଗ ବିଳାସକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି । ଏହି ସ୍ଥିତିରେ ସାଧକ ଭକ୍ତି ଯୋଗ ମାର୍ଗରେ ପ୍ରବେଶ କରେ । ଏହି ଅବସ୍ଥାରେ ସାଧକ ଶାସ୍ତ୍ର ବର୍ଣ୍ଣିତ ସ୍ୱାଷ୍ଟିକ ମୁକ୍ତି ଏବଂ ଆଂଶିକ ସିଦ୍ଧିର ଶେଷ ଅବସ୍ଥାରେ ପହଞ୍ଚେ ।

ମହ ସ୍ଥିତିରେ ସାଧକର ଦୈବୀ ଗୁଣ ବିକଶିତ ହୁଏ । ପ୍ରକୃତ ଭକ୍ତି ଏହି ସ୍ତରରୁ ଆରମ୍ଭ ହୁଏ । ଏହି ସ୍ଥିତିରେ ସାଧକର ପ୍ରେମ ଭାବ ଉଦୟ ହୋଇ ଯାଇଥିବାରୁ ସାଲୋକ୍ୟ ମୁକ୍ତି ଅଧିକାରୀ ହୋଇଥାଏ । ଜନ ସ୍ଥିତିରେ ସାଧକର ଅନନ୍ୟ ଭକ୍ତି ବା ନିଷ୍କାମ ଭକ୍ତି ଆରମ୍ଭ ହୁଏ । ତମ ଗୁଣର ପ୍ରଭାବ କମିଯାଏ । ସାଧକ ସାମୀପ୍ୟ ଓ ସାରୂପ୍ୟ ମୁକ୍ତିର ଅଧିକାରୀ ହୋଇଥାଏ ।

ତପଃ ସ୍ଥିତିରେ ସାଧକ ଜ୍ଞାନ ମାର୍ଗରେ ପ୍ରବେଶ କରେ । ସାଧକ ଓଁକାର ସାଧନା କରେ । ଏହିଠାରୁ ଆରମ୍ଭ ହୁଏ ବିରୁଦ୍ଧ ଜ୍ଞାନ ବା ପରାଜ୍ଞାନ । ଏହି ସ୍ଥିତିରେ ସାଧକ ଭାବକୁ ଭାଷାରେ ପ୍ରକାଶ କରେ । ଏହି ସ୍ଥିତିରେ ସାଧକ ସଦଗୁରୁଙ୍କ କୃପା ଲାଭ କରେ । ଏହି ସ୍ଥିତିକୁ ଦିବ୍ୟ ଦର୍ଶନ ସିଦ୍ଧି ବୋଲି କହେ । ସାଧକ ସାୟୁଜ୍ୟ ମୁକ୍ତିର ଅଧିକାରୀ ହୁଏ ଏବଂ ପରମସିଦ୍ଧିର ପ୍ରଥମ ସୋପାନ ପ୍ରାପ୍ତି ହୁଏ ।

ସତ୍ୟ ସ୍ଥିତିରେ ସାଧକ ସତ୍ୟ ଲୋକରେ ପହଞ୍ଚି ନିର୍ବାଣ ବା ମୋକ୍ଷ ପ୍ରାପ୍ତି ହୁଏ ଯାହାକୁ ଦିବ୍ୟ ଦର୍ଶନ ଜ୍ଞାନରୁ ମୋକ୍ଷ କହେ । ଏହା ନେତି, ନେତି ସ୍ଥିତ । ଏଇଠି ଜ୍ଞାନର ଶେଷ ହୁଏ ଏବଂ ଭାବର ଆରମ୍ଭ ହୋଇ ସାଧକ ମହା ଭାବରେ ଲୀନ ହୁଏ ।

**ରାଜବୈଦ୍ୟମାର୍ଗ, ପଟ୍ଟନାୟକ ପଡ଼ା,**
**ସମ୍ବଲପୁର**

# ବହୁ ଉପକାରୀ ନଡିଆ

**ନ**ଡିଆକୁ ଶ୍ରୀଫଳ କୁହାଯାଇଥାଏ । ପୂଜା କାର୍ଯ୍ୟରେ ଏହାକୁ ପ୍ରଥମେ ଲୋଡା ଯାଇଥାଏ । ସବୁ ଫଳଠାରୁ ନଡିଆର ସ୍ୱାଦ ସମ୍ପୂର୍ଣ୍ଣ ନିଆରା । କଷି ବେଳେ ଏହାର ପାଣି ପେଟକୁ ଥଣ୍ଡା କରିଥାଏ, ପାକଳ ହେବା ପରେ ଏହା ନଡିଆରେ ପରିଣତ ହୋଇଥାଏ । ନଡିଆ ଉପର ଭାଗ ଯେତେ କଠିନ ହୋଇଥିଲେ ହେଁ, ଏହାର ଭିତର ଖୁବ୍ ରସାଳ ତଥା ମିଠା ଓ ସ୍ୱାଦଯୁକ୍ତ । ତେବେ ନଡିଆକୁ ପୂଜା ପାର୍ବଣଠାରୁ ଆରମ୍ଭ କରି ବିବାହ ବ୍ରତ ତଥା ରୋଷେଇ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।

ନଡିଆକୁ ପ୍ରତ୍ୟେକ ଶୁଭ କାର୍ଯ୍ୟ ତଥା ବିବାହ, ବ୍ରତ ଉତ୍ସବ ଆଦିରେ ସର୍ବପ୍ରଥମେ ବ୍ୟବହାର କରାଯାଇଥାଏ ।

ନଡିଆ ପତ୍ରରେ ଚଟେଇ ତଥା ସପ ରୂପରେ ତିଆରି କରି ଗରିବମାନେ ବ୍ୟବହାର କରିଥାନ୍ତି ।

ଏହାର ଖଡିକାରେ ଝାଡୁ ତିଆରି କରି ଘର ସଫା କରିବା କାମରେ ବ୍ୟବହାର କରାଯାଇଥାଏ ।

ନଡିଆର ତେଲକୁ ମୁଣ୍ଡରେ ଲଗାଇଲେ କେଶ ଘନ କଳା ହୋଇଥାଏ ।

ଏଥି ସହିତ ନଡିଆକୁ କୋରି ଏହାର ତେଲକୁ ରାନ୍ଧି । ରନ୍ଧା ନଡିଆ ତେଲକୁ ପୋଡ଼ା ଘା’ କିମ୍ବା କଟା ଘା’ରେ ଲଗାଇଲେ ଯଥାଶୀଘ୍ର ଉପଶମ ମିଳିଥାଏ ।

ସର୍ବତରେ କିମ୍ବା ଲସିରେ ନଡିଆ କୋରାକୁ ଉପଯୋଗ କରାଯାଇଥାଏ । ନଡିଆ ଗଛର ଗଣ୍ଡି ଘର ତିଆରି କାର୍ଯ୍ୟରେ ଲାଗିଥାଏ ।

ନଡିଆ କତାରେ ପାପୋଛ, ଖେଳନା, ଦଉଡି ଆଦି ତିଆରି କରାଯାଇଥାଏ ।



ଏହାର ଷଢ଼େଇକୁ ଡଙ୍କି ତଥା କେନ୍ଦରା ଭାବେ ବ୍ୟବହାର କରାଯାଇଥାଏ ।

ରୋଷେଇରେ ମଧ ନଡିଆକୁ କୋରି ତରକାରିରେ ବ୍ୟବହାର କରାଯାଇଥାଏ । ଖୀରି, ପିଠା, ମଣ୍ଡା ତଥା ନଡିଆ କୋରାର ଉପଯୋଗ କରାଯିବା ସହିତ ଏହାକୁ ଚଟଣୀ ରୂପରେ ବ୍ୟବହାର କରାଯାଇଥାଏ ।

ନଡିଆ ପାଣି ଶରୀର ପାଇଁ ଖୁବ୍ ହିତକାରକ । ଏଥିରେ ଖଣିଜ ଲବଣ ଭରପୁର ରହିଥାଏ । ନଡିଆ ପାଣି ପିଇଲେ ଆମ ଶରୀରକୁ ଶକ୍ତି ମିଳିଥାଏ । ଏହା ଆମ ଶରୀର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଫଳରେ ଶରୀରରେ କୌଣସି ରୋଗ ହେବାର ଆଶଙ୍କା କମ୍ ହୋଇଥାଏ । ଏହା ଆମ ଶରୀରର ମୋଟାପଣକୁ ଦୂର କରିଥାଏ ।

ନଡିଆ ପାଣି ପିଇଲେ ଗଳଗଣ୍ଡ ରୋଗରୁ ମୁକ୍ତି ମିଳିଥାଏ । ଆମ ଶରୀରରେ ବୃକକକୁ ସୁସ୍ଥ ରଖେ । ଏଥି ସହିତ ୟୁରିନ୍ ଇନ୍‌ଫେକସନ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କାକୁ ମଧ କମ୍ କରିଥାଏ ପଇଡ ପାଣି ।

ହାଡ଼ଫୁଟି କିମ୍ବା ଯଦି ଶରୀର ପୋଡ଼ା ଦାଗ ଥାଏ ତେବେ ତ୍ୱଚାରୁ ଏହି ଦାଗ ଲିଭାଇବା ପାଇଁ ପଇଡ ପାଣିକୁ ଲଗାଇବା ଫଳରେ ଶରୀରର ଦାଗ ଦୂର ହୋଇଥାଏ । ଏଥି ସହିତ ନଡିଆକୁ ବାଟି ପେଷ୍ଟ କରି ଏହାକୁ ତ୍ୱଚାରେ ଲଗାଇଲେ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ।

## ପଶ୍ଚିମବଙ୍ଗରେ ମୋଦୀ ମ୍ୟାଜିକ... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଟିଏମସି ଶାସନାଧୀନ ପଶ୍ଚିମବଙ୍ଗରେ ସର୍ବାଧିକ ୮ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯାଇଥିବା ବେଳେ ଭାଜପା କ୍ଷମତାସୀନ ଆସାମରେ ୩ ପର୍ଯ୍ୟାୟରେ (ମାର୍ଚ୍ଚ ୨୭ ରୁ ଏପ୍ରି ୬) ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କେରଳ, ତାମିଲନାଡୁ ଓ ପଣ୍ଡିଚେରୀରେ ଏପ୍ରିଲ ୬ରେ ମତଦାନ ହୋଇଥିଲା । କୋଭିଡ୍ ୧୯ ପ୍ରୋଟୋକଲ ଓ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ରବିବାର ସମସ୍ତ ୮୨୨ ଆସନର ଭୋଟ ଗଣତି କରାଯାଇଥିଲା । ପଶ୍ଚିମବଙ୍ଗ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଥିଲା । ପଶ୍ଚିମବଙ୍ଗ ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କ ପାଇଁ ସମ୍ମାନ ରକ୍ଷାର ଆହ୍ୱାନ ପାଲଟିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଗି ମର୍ଯ୍ୟାଦାର ପ୍ରଶ୍ନ ରୂପେ ଛିଡ଼ା ହୋଇଥିଲା । ଏଠାରେ ଟିଏମସିର ବଡ଼ ଚ୍ୟାଲେଞ୍ଜର ଭାବେ ପ୍ରଥମ ଥର ପାଇଁ ଭାଜପା ଉଭା ହୋଇଥିବାରୁ ସମସ୍ତଙ୍କ ନଜର ପଶ୍ଚିମବଙ୍ଗ ଉପରେ କେନ୍ଦ୍ରୀଭୂତ ହୋଇଥିଲା । ସେହିପରି ରାଜ୍ୟର ନନ୍ଦିଗ୍ରାମରେ ମମତାଙ୍କ ବିରୋଧରେ ତାଙ୍କ ପୂର୍ବ ସହଯୋଗୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭାଜପା ପ୍ରାର୍ଥୀ କରିଥିବାରୁ ଏହି ନିର୍ବାଚନମଣ୍ଡଳୀ ସବୁଠୁ ହଟ୍ ସିଟ୍ ପାଲଟିଥିଲା । ଶେଷରେ ଶୁଭେନ୍ଦୁ ବିଜୟୀ ହେଲେ । ସେ ତାଙ୍କର ପ୍ରତିଦ୍ୱନ୍ଦୀ ମମତାଙ୍କୁ ୧୯୫୩ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ରାଜ୍ୟରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୪୯ ହୋଇଥିବା ବେଳେ ଟିଏମସି ୨୧୩ ଆସନ ଦଖଲ କରିଛି । ଯାହାକି ୨୦୧୬ ନିର୍ବାଚନ ଠାରୁ ୨ ଅଧିକ । ଭାଜପା ଏବଂ ଏହାର ସହଯୋଗୀଙ୍କୁ ଏଠାରେ ୭୭ ଆସନ ମିଳିଛି । ଅର୍ଥାତ୍ ପଶ୍ଚିମବଙ୍ଗବାସୀ ଭାଜପାକୁ ବିରୋଧୀ ଆସନରେ ବସାଇଛନ୍ତି । ବାମ ନେତୃତ୍ୱାଧୀନ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ - କଂଗ୍ରେସ - ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ ମେଣ୍ଟକୁ ଗୋଟିଏ ଆସନରେ ସଫଳତା ମିଳିଛି ।

୨୩୪ ଆସନ ବିଶିଷ୍ଟ ତାମିଲନାଡୁରେ ସରକାର ଗଠନ ପାଇଁ ଜୁହୁକ ସଂଖ୍ୟା ୧୧୮ ହୋଇଥିବା ବେଳେ ୨୦୧୬ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ.ଜୟଲଳିଥାଙ୍କ ଏଆଇଏଡିଏମକେ ୧୩୬ ଆସନ ଦଖଲ କରିଥିଲା ଏବଂ ଇ.କେ ପାଲାନିସ୍ୱାମୀ ଘଟଣାଚକ୍ରରେ ମୁଖ୍ୟମନ୍ତ୍ରୀ ହୋଇଥିଲେ । କରୁଣାନିଧିଙ୍କ ଡିଏମକେକୁ ୯୮ ଆସନରେ ସନ୍ତୁଷ୍ଟ ହୋଇ ବିରୋଧୀ ଦଳରେ ବସିବାକୁ ପଡିଥିଲା । କିନ୍ତୁ ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଗଣିତ ସମ୍ପୂର୍ଣ୍ଣ ରୂପେ ବଦଳିଗଲା । ଏଥର ଡିଏମକେ ମେଣ୍ଟ ୧୫୫ ଆସନରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି । ଏଆଇଏଡିଏମକେ ମେଣ୍ଟକୁ ୭୮ ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି, ଯାହାକି ପୂର୍ବାପେକ୍ଷା ୫୮ କମ୍ । ଏମଏନଏମ ଅଧକ୍ଷ କମଲ ହାସନ କୋଏମ୍ବାଟୁର ସାଉଥ ଆସନରେ ଭାଜପା ପ୍ରାର୍ଥୀ ଭି.ଶ୍ରୀନିବାସଙ୍କ ଠାରୁ ହାରିଯାଇଛନ୍ତି । ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭାରେ ସଂଖ୍ୟାଗରିଷ୍ଠତା ହାସଲ ଲାଗି ୭୧ ଆସନ ଆବଶ୍ୟକ ଥିବାବେଳେ ୨୦୧୬ ରେ ଏଲଡିଏଫ ୯୧ ଆସନ ଦଖଲ କରି କ୍ଷମତାସୀନ ହୋଇଥିଲା । ୟୁଡିଏଫ୍ ମାତ୍ର ୪୭ ଆସନରେ ସନ୍ତୁଷ୍ଟ ହୋଇଥିଲା । ଏଥର ଏଲଡିଏଫ ଆଉ ପାଦେ ଆଗେଇ ୯୯ ଆସନ ପାଇଥିବା ବେଳେ ୟୁଡିଏଫ୍ ୪୧ ରେ ସୀମିତ ରହିଛି । ଭାଜପାକୁ ଗୋଟିଏ ହେଲେ ଆସନରେ ଜିତାଇ ନାହାନ୍ତି ମତଦାତା । ଆସାମ ବିଧାନସଭାର ଆସନ ସଂଖ୍ୟା ହେଉଛି ୧୨୬ । ଏଠାରେ ୬୪ ଆସନ ଦଖଲ କଲେ ସରକାର ଗଠନ ସମ୍ଭବ ଥିବାବେଳେ ୨୦୧୬ ରେ ଏନଡିଏ ୮୬ ଆସନରେ ସଫଳତା ପାଇଥିଲା । ଭାଜାପକୁ ୬୦, ଆସୋମ ଗଣ ପରିଷଦ ୧୪ ଓ ବୋଡୋ ପିପୁଲ୍ସ ଫ୍ରଣ୍ଟକୁ ୧୨ ଆସନରେ ସଫଳତା ମିଳିଥିଲା । କଂଗ୍ରେସ ୨୬ ଏବଂ ସଂଖ୍ୟାଲଘୁ ଭୋଟରଙ୍କ ଉପରେ ପ୍ରଭାବ ରଖୁଥିବା ବଦରୁଦ୍ଦି ଅଜମଲଙ୍କ ଅଲ୍ ଇଣ୍ଡିଆ ୟୁନାଇଟେଡ ଡେମୋକ୍ରାଟିକ୍ ଫ୍ରଣ୍ଟ ୧୩ ଆସନରେ ବିଜୟୀ ହୋଇଥିଲା । ଏଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ପୁଞ୍ଜିକରି ନିର୍ବାଚନ ଲଢ଼ିଥିବା ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କୁ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ଟକ୍କର ଦେଇଥିଲା । ଭାଜପା ନେତୃତ୍ୱାଧୀନ ଏନଡିଏକୁ ୭୬ ଆସନରେ ସଫଳତା ମିଳିଥିବା ବେଳେ କଂଗ୍ରେସକୁ ୪୮, ଏଜିପି ୧ ଓ ଅନ୍ୟକୁ ୧ ଆସନ ମିଳିଛି । ପଣ୍ଡିଚେରୀରେ ପୂର୍ବରୁ କଂଗ୍ରେସ ଶାସନରେ ଥିଲା । ହେଲେ କଂଗ୍ରେସ ଓ ସହଯୋଗୀ ଦଳର କେତେଜଣ ବିଧାୟକଙ୍କ ଇସ୍ତଫା ପରେ ମୁଖ୍ୟମନ୍ତ୍ରୀ ଭି.ନାରାୟଣ ସ୍ୱାମୀ ସରକାର ସଂଖ୍ୟାଲଘୁର ପରିଣତ ହୋଇଥିଲେ । ଫଳରେ ଆସ୍ଥାଭୋଟ ପୂର୍ବରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ । ଏଠାରେ ରାଷ୍ଟ୍ରପତି ଶାସନ ଚାଲିଥିବା ବେଳେ ପୁଣି ନିର୍ବାଚନ କରାଯାଇଥିଲା । ୩୦ ଆସନରେ ଭୋଟ ଗ୍ରହଣ କରାଯାଇଥିବା ବେଳେ ୩ ମନୋନୀତ ସଦସ୍ୟ ରହିଛନ୍ତି । ତେଣୁ ସଂଖ୍ୟା ଗରିଷ୍ଠତା ପାଇଁ ୧୭ ବିଧାୟକଙ୍କ ସମର୍ଥନ ଜରୁରୀ । ଏହି ନିର୍ବାଚନରେ ଏନ.ଆର.କଂଗ୍ରେସ ଓ ଭାଜପା ମେଣ୍ଟକୁ ୧୬ ଆସନରେ ସଫଳତା ମିଳିଛି । କଂଗ୍ରେସ ୯ ଏବଂ ଅନ୍ୟ ଦଳର ପ୍ରାର୍ଥୀ ୫ ଆସନରେ ବିଜୟୀ ହୋଇଛନ୍ତି ।

## ଝାରସୁଗୁଡ଼ା ଓ ପାଟ୍ନା ମଧ୍ୟରେ ବିମାନ ସେବା ଆରମ୍ଭ

ଝାରସୁଗୁଡ଼ା : ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଝାରସୁଗୁଡ଼ା ଓ ପାଟନା ମଧ୍ୟରେ ବିମାନ ସେବା ଆରମ୍ଭ ହୋଇଛି । ସ୍ପାଇସଜେଟର ୭୮ ସିଟ୍ ବିଶିଷ୍ଟ ବିମାନ ପ୍ରତିଦିନ ଝାରସୁଗୁଡ଼ାରୁ ପାଟନାକୁ ଚଳାଚଳ କରିବ । ଏହି ବିମାନଟି ଅମଅତସରରୁ ବହାରି ପାଟନା ଦେଇ ଅପରାହ୍ନ ୪ ଟା ୨୦ ମିନିଟରେ ଝାରସୁଗୁଡ଼ାରେ ପହଞ୍ଚିବ । ସେଠାରୁ ଅପରାହ୍ନ ୪ ଟା ୪୦ ମିନିଟରେ ପାଟନା ଅଭିମୁଖେ ଯାତ୍ରା କରିବ । ଏହାପରେ ପାଟନା ଦେଇ ଏହି ବିମାନ ଗୌହାଟି ଅଭିମୁଖେ ଉଡିବ । ଫଳରେ ପାଟନା ଓ ଗୌହାଟିକୁ ଝାରସୁଗୁଡ଼ାରୁ ଯାତ୍ରୀମାନେ ଯାତାୟାତ କରି ପାରିବେ । ପ୍ରକାଶ ଯୋଗ୍ୟ ଯେ, ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ବର୍ତ୍ତମାନ ଭୁବନେଶ୍ୱର, ରାୟପୁର, କୋଲକାତା, ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଓ ବେଙ୍ଗଲୋରକୁ ବିମାନ ଚଳାଚଳ କରୁଛି ।

## କଂଗ୍ରେସ ନେତା ସନ୍ତୋଷ ପଟ୍ଟନାୟକଙ୍କ ଦେହାନ୍ତ

ସମ୍ବଲପୁର : ଜମନକିରା ନିବାସୀ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ପଟ୍ଟନାୟ (୭୪) ଙ୍କ ପରଲୋକ ହୋଇଯାଇଛି । ସେ ଜମନକିରା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ, ଜମନକିରା ଲ୍ୟାମ୍ପସର ପୂର୍ବତନ ସଭାପତି, ଜମନକିରା ବ୍ଲକ କଂଗ୍ରେସ କମିଟି, ଡିସିସି ସଦସ୍ୟଙ୍କ ସହିତ ଅଞ୍ଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ଥିଲେ । ସେ କରୋନାରେ ଆକ୍ରାନ୍ତ ହେବା ପରେ ବରଗଡ଼ ବିକାଶ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା ।

ଶ୍ରୀ ପଟ୍ଟନାୟକଙ୍କ ବିୟୋଗରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ଗଭୀର ଶୋକ ପ୍ରକାଶ କରିଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଶୋକସଭା କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଉପସ୍ଥିତ ସଦସ୍ୟମାନେ ସ୍ୱର୍ଗତ ପଟ୍ଟନାୟକଙ୍କ ଉଲ୍ଲେଖନୀୟ କାର୍ଯ୍ୟାବଳୀ ସହିତ ତାଙ୍କୁ ଜଣେ ବଳିଷ୍ଠ ସଙ୍ଗଠକ ଭାବରେ ବର୍ଣ୍ଣନା କରିଥିଲେ । ବୈଠକରେ ଜିଲ୍ଲା କଂଗ୍ରେସ କମିଟିର ସଭାପତି ନିରଞ୍ଜନ ତ୍ରିପାଠୀ, ପ୍ରେମ ପ୍ରକାଶ ସାହାଣୀ, ସୁତପା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ସସ୍ମିତା ଦେହୁରୀ, ଜଶବିର ସିଂ, ମହମ୍ମଦ ମୁଖତାର, ଆକବର ଚୌଧୁରୀ, ଶେଖ ମୋଦୀନ, ସଞ୍ଜିବ ଗର୍ଡ଼ିଆ, ଜିତେନ୍ଦ୍ର ପ୍ରଧାନ, ପରକ୍ଷୀତ ନାୟକ,ଶିବ ପ୍ରଧାନ, ମହମ୍ମଦ ସଲୀମ ପ୍ରମୁଖ ଯୋଗ ଦେଇଥିଲେ ।

## କାର୍ଯ୍ୟକ୍ଷମ ହେଲା ସମ୍ବଲପୁର କୋଭିଡ ଡାକ୍ତରଖାନା

ସମ୍ବଲପୁର : ସମ୍ବଲପୁର ସଦର ଡାକ୍ତରଖାନାରେ ପିପିପି ମୋଡ଼ରେ ଅଶ୍ୱିନୀ ହସ୍ପିଟାଲ ଦ୍ୱାରା ପରିଚାଳିତ ସମ୍ବଲପୁର କୋଭିଡ ଡାକ୍ତରଖାନା କାର୍ଯ୍ୟକ୍ଷମ ହୋଇଛି । ଲୋକେ ଯୋଗାଯୋଗ କରି ରୋଗୀଙ୍କୁ ଭର୍ତ୍ତି କରିପାରିବେ । ସଦର କୋଭିଡ ଡାକ୍ତରଖାନା ସକାଶେ ଯୋଗାଯୋଗ ନମ୍ବର : ୭୬୦୯୮୨୭୮୮୨/ ୭୬୦୮୦୮୭୮୮୨ ଜାରି କରାଯାଇଛି । ଏହି ଅବସରରେ ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ପରିଚାଳନା ନିର୍ଦ୍ଦେଶିକା ଡାକ୍ତର ମାୟା ଗନ୍ତାୟତ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ, ମହାନଗର ନିଗମ ଆୟୁକ୍ତ ଅନିରୁଦ୍ଧ ପ୍ରଧାନ, କୋଭିଡ ଡାକ୍ତରଖାନା ପ୍ରାଧିକୃତ ଅଧିକାରୀ ସହକାରୀ ଜିଲ୍ଲାପାଳ ବ୍ରଜ କିଶୋର ସାହୁ ଓ ପ୍ରାଧିକୃତ ମେଡିକାଲ ଅଧିକାରୀ ଡାକ୍ତର ଅଲେଖ ପ୍ରସାଦ ମହାପାତ୍ର, ଅଶ୍ୱିନୀ ହସପିଟାଲ ପ୍ରଶାସକ ରିତେଶ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ ।

## ସଞ୍ଜୟ ମହାନ୍ତି ରେଲୱେ ବୋର୍ଡର ନୂଆ ସଦସ୍ୟ

ଭୁବନେଶ୍ୱର : ଭାରତୀୟ ରେଳପଥ ଟ୍ରାଫିକ ସେବାର ୧୯୮୫ ବ୍ୟାଚ୍ ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ମହାନ୍ତି ନୂଆଦିଲ୍ଲୀ ସ୍ଥିତ ରେଳ ମନ୍ତ୍ରଣାଳୟର ରେଲୱେ ବୋର୍ଡର ନୂଆ ସଦସ୍ୟ ଭାବେ ଯୋଗ ଦେଇଛନ୍ତି । ଏହି ପଦରେ ଯୋଗଦେବା ପୂର୍ବରୁ ଶ୍ରୀ ମହାନ୍ତି କୋଲକାତା ସ୍ଥିତ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଭାବେ ଦକ୍ଷତାର ସହ କାର୍ଯ୍ୟ ତୁଲାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ସେ ନୂଆଦିଲ୍ଲୀସ୍ଥିତ ରେଲୱେ ବୋର୍ଡରେ ପ୍ରମୁଖ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ପୂର୍ବତଟ ରେଳପଥରେ ବରିଷ୍ଠ ଉପମହାପ୍ରବନ୍ଧକ ଓ ମୁଖ୍ୟ ସତର୍କତା ଅଧିକାରୀ, ମୁଖ୍ୟ ପରିବହନ ଯୋଜନା ପ୍ରବନ୍ଧକ, ମୁଖ୍ୟ ପଣ୍ୟ ପରିବହନ ପ୍ରବନ୍ଧକ, ଭୁବନେଶ୍ୱର ଆଇଆରସିଟିସିର ଆଞ୍ଚଳିକ ମହାପ୍ରବନ୍ଧକ ଓ ଖୋର୍ଦ୍ଧାରୋଡ ମଣ୍ଡଳର ରେଳ ପ୍ରବନ୍ଧକ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଛନ୍ତି । ତାଙ୍କ ସମୟରେ ପଣ୍ୟ ପରିବହନ କ୍ଷେତ୍ରରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଭାରତୀୟ ରେଳପଥରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିଲା । ଶ୍ରୀ ମହାନ୍ତି ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରେ ଡିଗ୍ରୀ ହାସଲ କରି ଭାରତୀୟ ରେଳପଥରେ ଯୋଗଦାନ କରି ମୁମ୍ବାଇ, ନାଗପୁର, ଝାନସି ଓ କୋଙ୍କୋଣ ରେଳପଥର ବହୁ ଉଚ୍ଚ ପଦପଦବୀରେ କାର୍ଯ୍ୟ କରିଛନ୍ତି । ପ୍ରଶାସନରେ ଅଭିନବୀକରଣ ଓ ପ୍ରଣାଳୀ ଗଠନ କରିବାରେ ସେ ଦକ୍ଷତା ଅର୍ଜନ କରିଛନ୍ତି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁର ଏମ୍.ପି ନିତେଶ ଗଙ୍ଗଦେବଙ୍କ ପାଣ୍ଠିରେ କିଣାଯାଇଥିବା ପାଞ୍ଚଟି ଆମ୍ବୁଲେନ୍ସ ଲୋକାର୍ପିତ





ସମ୍ବଲପୁର : ସମ୍ବଲପୁର ଜିଲ୍ଲା ସଦର ଡାକ୍ତରଖାନାକୁ ଏମ୍ପି ଅନୁଦାନରୁ ୨ଟି ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । ଏମ୍ପି ନୀତେଶ ଗଙ୍ଗଦେବ ସବୁଜ ପତାକା ଦେଖାଇ ଏହାର ଲୋକାର୍ପଣ କରିଛନ୍ତି । କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଭାଜପା ଜିଲ୍ଲା ସଭାପତି ଗିରିଶ ପଟେଲ, ଗୋବିନ୍ଦ ଅଗ୍ରୱାଲ, ସମୀର ରଞ୍ଜନ ବାବୁ, ଅଶ୍ୱିନୀ ମାଝି, ମୋହନ ଦାସ, ଏଡିଏମଓ ଭରତ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତବର୍ଷ ୧ କୋଟି ୨୫ ଲକ୍ଷ ଟଙ୍କା କେବଳ ସମ୍ବଲପୁର ଜିଲ୍ଲାରେ ଖର୍ଚ୍ଚ କରିବା ପାଇଁ ଏମ୍ପି ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ । ଏହି ଅନୁଦାନରେ ୨ ଗୋଟି ଅତ୍ୟାଧୁନିକ ଭେଣ୍ଟିଲେଟର ଥିବା ଆମ୍ବୁଲାନ୍ସ କିଣାଯାଇଛି । ବଳକା ଟଙ୍କା କୋଭିଡ ପରିଚାଳନାରେ ଖର୍ଚ୍ଚ କରାଯିବ ବୋଲି ସୂଚନା ଦିଆଯାଇଛି ।

ସେହିପରି ଏମ୍.ପିଙ୍କ ଲାଡ ଫଣ୍ଡରୁ ପ୍ରାୟ ୬୫ଲକ୍ଷ ଟଙ୍କା ବ୍ୟୟରେ କ୍ରୟ କରାଯାଇଥିବା ଏଏଲଏସ୍ ଆମ୍ବୁଲାନ୍ସ ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବଙ୍କ ଦ୍ୱାରା ଦେବଗଡ଼ ଠାରେ ଲୋକାର୍ପିତ ହୋଇଯାଇଛି । ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍.ପି ଗଙ୍ଗଦେବ ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସକୁ ଲୋକାର୍ପଣ କରିଛନ୍ତି । ଏହି ଆମ୍ବୁଲାନ୍ସରେ ଗୁରୁତର ରୋଗୀଙ୍କ ପାଇଁ ଆବଶ୍ୟକ ପଡୁଥିବା ଅକ୍ସିଜେନ ଓ ଭେଣ୍ଟିଲେଟର ସମେତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ଥିବା ଜଣାପଡିଛି । ଏହି ଲୋକାର୍ପଣ ଉତ୍ସବରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ ପଟେଲ, ଯୁବନେତା ସଚିକାନ୍ତ ଦାଶ, ଯୋଗେଶ ଚନ୍ଦ୍ର ପ୍ରଧାନ, ବିରଞ୍ଚି ନନ୍ଦ, ହିମାଂଶୁ ଶେଖର ପ୍ରଧାନ, ଅବିନାଶ ପ୍ରଧାନ, ରାଜୁ ମେହେର, ମୁନା ସାହୁ, ଚନ୍ଦନ ମାଝୀ, ବାଦଲ ଦାସ ଓ ରାଜନ ମୁଖ୍ୟଙ୍କ ସମେତ ବହୁ ଭାଜପା କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ଗଙ୍ଗଦେବ ଓଡ଼ିଶାର ପ୍ରଥମ ଏମ୍ପି ଭାବେ ନିର୍ବାଚନ ମଣ୍ଡଳୀର କୋଭିଡ ପରିଚାଳନା ନିମନ୍ତେ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫ ଗୋଟି ଏଏଲ୍ଏସ୍ ଆମ୍ବୁଲାନ୍ସ ଯୋଗାଇ ଦେଇଛନ୍ତି । ଏଗୁଡିକ ମଧ୍ୟରୁ ୨ ଟି ସମ୍ବଲପୁର ଜିଲ୍ଲା, ଗୋଟିଏ ଦେବଗଡ଼ ଜିଲ୍ଲା ପାଇଁ ଉର୍ଦ୍ଦିଷ୍ଟ ଥିବାବେଳେ ଅନ୍ୟ ୨ ଟି ଯଥାକ୍ରମେ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ଓ ଛେଣ୍ଡିପଦା ଡାକ୍ତରଖାନା ପାଇଁ ଉର୍ଦ୍ଦିଷ୍ଟ ଥିବା ଜଣାପଡିଛି ।

## ରାଜ୍ୟର ପ୍ରଥମ କମର୍ସିଆଲ କୋର୍ଟ ଉଦ୍ଘାଟିତ



ସମ୍ବଲପୁର : ସମ୍ବଲପୁର ଜିଲ୍ଲାରେ ରାଜ୍ୟର ପ୍ରଥମ କମର୍ସିଆଲ କୋର୍ଟ ଉଦଘାଟିତ ହୋଇଛି । ଏହାସହ ଦ୍ୱିତୀୟ ସିନିୟର ସିଭିଲ କୋର୍ଟ ଓ ଡିଜିଟାଲ ରେକର୍ଡ ରୁମ୍ ଲୋକାର୍ପଣ ହୋଇଛି । ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଭର୍ଚୁଆଲ ମୋଡରେ ଉପସ୍ଥିତ ରହି ଏହା ଉଦଘାଟନ କରିଥିଲେ । ଅନ୍ୟତମ ହାଇକୋର୍ଟ ଜଜ୍ ପୋର୍ଟଫୋଲିଓ ବି.ଆର.ଷଡ଼ଙ୍ଗୀ ଭର୍ଚୁଆଲରେ ଯୋଗଦେଇ କୋର୍ଟ କାର୍ଯ୍ୟ ପାଇଁ ସମ୍ବଲପୁରରେ ସମସ୍ତ ଆବଶ୍ୟକ ସୁବିଧା ରହିଛି ବୋଲି କହିଥିଲେ । ସମ୍ବଲପୁର ଜିଲ୍ଲା ଜଜ୍ ବିରଞ୍ଚି ନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ କୋର୍ଟର ସମସ୍ତ ବିଚାରପତି ଉପସ୍ଥିତ ଥିଲେ । ଜିଲ୍ଲା ଓକିଲ ସଂଘ ସଭାପତି ଡକ୍ଟର ପ୍ରମୋଦ ରଥ କହିଥିଲେ, ଆଜି ସମ୍ବଲପୁର ପାଇଁ ଏକ ଐତିହାସିକ ଦିନ । ରାଜ୍ୟର ପ୍ରଥମ କମର୍ସିଆଲ କୋର୍ଟ ଉଦଘାଟିତ ହୋଇଥିବାରୁ ଏହା ଦ୍ୱାରା ସମ୍ବଲପୁର ସହିତ ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଜିଲ୍ଲାବାସୀ ଉପକୃତ ହେବେ । ଏଠାରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବାଣିଜ୍ୟିକ ସମ୍ବନ୍ଧୀୟ ଠକେଇ ମାମଲାର ବିଚାର କରାଯିବ । ଫଳରେ ଅନ୍ୟ କୋର୍ଟରେ ମାମଲାର ବୋଝ ରହିବ ନାହିଁ । ଅନ୍ୟପଟେ ଦ୍ୱିତୀୟ ସିନିୟର ସିଭିଲ କୋର୍ଟ ଆରମ୍ଭ ହୋଇଥିବାରୁ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ମାମଲାର ବିଚାର ହୋଇପାରିବ । ଡିଜିଟାଲ ରେକର୍ଡ ରୁମ ଉଦଘାଟନ ହେବା ଫଳରେ ଲୋକମାନଙ୍କ କାମ ଶୀଘ୍ର ହେବ । ଏହା ଆଇନଜୀବୀମାନଙ୍କୁ ମଧ୍ୟ ସହାୟତା ହେବ ।

## କ୍ଷେତରାଜପୁର ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ରକ୍ତଦାନ ଶିବିର



ସମ୍ବଲପୁର : ମାରୱାଡ଼ି ଯୁବାମଞ୍ଚ କ୍ଷେତରାଜପୁର ଶାଖା, ନବଚେତନା ଶାଖା ଓ କ୍ଷେତରାଜପୁରର ମାର୍ଚ୍ଚେଣ୍ଟ ଏସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଏହି ଶିବିରରେ ୧୮ ଜଣ ଯୁବକ ଯୁବତୀ ପ୍ରଥମ ଥର ପାଇଁ ରକ୍ତଦାନ କରିଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଛି । ଯୁବାମଞ୍ଚର ଅଧ୍ୟକ୍ଷ ରାକେଶ ବେରିୱାଲ, ନବଚେତନା ଶାଖାର ଅଧ୍ୟକ୍ଷା ସନ୍ତୋଷ ଅଗ୍ରୱାଲ, ସଚୀବ ରଶ୍ମି ଅଗ୍ରୱାଲ, କ୍ଷେତରାଜପୁର ମାର୍ଚ୍ଚେଣ୍ଟ ଏସୋସିଏସନର ସୁନୀଲ ମିତ୍ତଲ, ସଚିବ କିଶୋର ଅଗ୍ରୱାଲ, ପବନ କୁମାର ଗର୍ବ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ଥିଲେ । ୧୮ ବର୍ଷ ବୟସ୍କା ଖୁସୀ ଅଗ୍ରୱାଲ ନିଜର ଜନ୍ମ ଦିନରେ ପ୍ରଥମ ଥର ପାଇଁ ଏହି ଶିବିରରେ ରକ୍ତଦାନ କରି ସମ୍ମାନିତ ହୋଇଥିଲେ । ତାଙ୍କ ସହିତ ତାଙ୍କ ମାତା ଅଳକା ଅଗ୍ରୱାଲ ଓ ପିତା ଶଙ୍କର ଲାଲ ଅଗ୍ରୱାଲ ମଧ୍ୟ ରକ୍ତଦାନ କରିଥିଲେ । ସମସ୍ତ ରକ୍ତଦାତାଙ୍କୁ ଏହି ଶିବିରରେ ସମ୍ମାନିତ କରାଯାଇଥିଲା । ସେହିପରି ଶାସନ ନିକଟସ୍ଥ ବିଶାଲଖିଣ୍ଡା ଗ୍ରାମରେ ମାରୱାଡ଼ି ଯୁବାମର୍ଚ୍ଚ କ୍ଷେତରାଜପୁର ଶାଖା ମାଷ୍ଟର ପ୍ଲାଷ୍ଟ ଓ ସିଦ୍ଧି ବିନାୟକ ପୋଲିପ୍ଲାଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରେ ୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ରାକେଶ ଫନସାରୀ, ମୁକେଶ ପନସାରୀ, ମୋହିତ ଅଗ୍ରୱାଲ, ରବି ସର୍ଲାଖୀ, ଶିଶିରାମ ଅଗ୍ରୱାଲ, ପବନ କୁମାର ଗର୍ଗ, ରାକେଶ ବେରିୱାଲ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

## ସଦର ଏସଡିପିଓ କାର୍ଯ୍ୟାଳୟ ପୁରୁଣା ଟାଉନଥାନାକୁ ସ୍ଥାନାନ୍ତରିତ



ସମ୍ବଲପୁର: ସଦର ଏସଡିପିଓ କାର୍ଯ୍ୟାଳୟକୁ ପୁରୁଣା ଟାଉନ ଥାନା କୋଠାକୁ ସ୍ଥାନାନ୍ତର କରାଯାଇଛି । ଏସ୍.ପି ବି.ଗଙ୍ଗାଧର ଏହାକୁ ଉଦଘାଟନ କରିଛନ୍ତି । ଅଇଁଠାପାଲି ଛକର ଏକ ଭଡ଼ାଘରେ ୧୯୯୫ ମସିହାରୁ ଏସଡିପିଓ ଅଫିସ ଚାଲିଥିଲା । ଏବେ ଏହା ଟାଉନ ଥାନା ପରିସରକୁ ସ୍ଥାନାନ୍ତର କରାଯାଇଛି । ସଦର ଏସଡିପିଓଙ୍କ ଅଧିନରେ ୧୨ ଥାନା ଯଥା ଟାଉନ, ଅଇଁଠାପାଲି, ଧନୁପାଲି, ସଦର, କ୍ଷେତରାଜପୁର, ମହିଳା ଶାସନ, ଧମା, ରେଙ୍ଗାଲି, ଠେଲକୋଲୋଇ, କତରବଗା ଓ ଯୁଯୁମୁରା ଥାନା ଏବଂ ୨୪ଟି ପୋଷ୍ଟ ଏହାର ନିୟନ୍ତ୍ରଣରେ ଅଛି । ଉଦଘାଟନ ଉତ୍ସବରେ ଅତିରିକ୍ତ ଏସପି ଅମରେଶ ପଣ୍ଡା, ଏସଡିପିଓ ତପନ କୁମାର ମହାନ୍ତି, ଡିଏସପି ଶିଶୁ ରଞ୍ଜନ ମହାପାତ୍ର, ଟାଉନ ଥାନାଧିକାରୀ ରମେଶ ଚନ୍ଦ୍ର ଦୋରା, ଅଇଁଠାପାଲି ଥାନାଧିକାରୀ ଯୋଗେଶ ପଣ୍ଡା, ଧନୁପାଲି ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ, ସଦର ଥାନାଧିକାରୀ ଚିନ୍ତାମଣି ପ୍ରଧାନ, କ୍ଷେତରାଜପୁର ଥାନାଧିକାରୀ ମମତା ନାଏକ, ମହିଳା ଥାନାଧିକାରୀ ଅନୀତା ନାଏକ, ଶାସନ ଥାନାଧିକାରୀ ଜୟରଶ୍ମୀ ସେଠୀ, ଧମା ଥାନାଧିକାରୀ ରାଜେଶ୍ୱରୀ ଭୋଇ, ରେଙ୍ଗାଲି ଥାନାଧିକାରୀ ଧବଳେଶ୍ୱର ସାହୁ, ଠେଲକୋଲୋଇ ଥାନାଧିକାରୀ, କତରବଗା ଓ ଯୁଯୁମୁରା ଥାନାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ କଳ୍ପନା ପଣ୍ଡାଙ୍କ ପରଲୋକ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ କଳ୍ପନା ପଣ୍ଡା (୫୪) ଙ୍କ ସମ୍ବଲପୁର କୋଭିଡ୍ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । କିଛି ଦିନ ତଳେ କରୋନା ଆକ୍ରାନ୍ତ ହେବା ପରେ ସେ ଗୃହ ସଂଗରୋଧରେ ରହିଥିଲେ । ପରେ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ଗତ ୩୦ ତାରିଖ ଦିନ ତାଙ୍କୁ ସମ୍ବଲପୁର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୁଶ୍ରୀ ପଣ୍ଡା ଅବିବାହିତ ଥିଲେ । ତାଙ୍କର ମା’ କାଦମ୍ବିନୀ ପଣ୍ଡା, ୩ ଭଉଣୀ ଓ ଗୋଟିଏ ଭାଇ ଅଛନ୍ତି । ସନ୍ଧ୍ୟାରେ ସମ୍ବଲପୁର ଶାନ୍ତିନଗର ସ୍ଥିତ ଶାନ୍ତିଧାମରେ ତାଙ୍କ ଶେଷକୃତ୍ୟ କରାଯାଇଛି । ସାନ ଭାଇ ରୁଦ୍ର ପ୍ରସାଦ ପଣ୍ଡା ମୁଖାଗ୍ନି ଦେଇଥିଲେ । ତେବେ କୋଭିଡ୍ ହସ୍ପିଟାଲରେ ଚିକିତ୍ସାରେ ଅବହେଳା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି ।



ବରଗଡ଼ ଜିଲ୍ଲା ଅତାବିରା ବ୍ଲକର କତାବଗା ଗାଁରେ ଜନ୍ମିତ କଳ୍ପନା ଗଙ୍ଗାଧର ମେହେର କଲେଜରେ ଶିକ୍ଷା ସମାପ୍ତି ପରେ ପ୍ରଥମେ ସୋହେଲା କଲେଜରେ ଅଧାପନା କରିଥିଲେ । ଏହା ପରେ ଓଡ଼ିଶା ଶିକ୍ଷା ସେବାରେ ଯୋଗ ଦେଇ ସମ୍ବଲପୁର ଲେଡିଲୁଇସ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ହୋଇଥିଲେ । ଏହାପରେ ଅତାବିରା ବ୍ଲକ ଶିକ୍ଷା ଅଧିକାରୀ, ସମ୍ବଲପୁର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ, ସମ୍ବଲପୁର ଜିଲ୍ଲା ପକ୍ରଳ୍ପ ସଂଯୋଜକ ଓ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ କାମ କରି ଗତ ୧.୨.୨୦୨୦ରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ଯୋଗ ଦେଇଥିଲେ । ସ୍ୱଳ୍ପ ସମୟ କାଳ ମଧ୍ୟରେ ନିଜ କାର୍ଯ୍ୟ ଦକ୍ଷତା, ଅମାୟିକ ସ୍ୱଭାବ ଯୋଗୁଁ ସେ ସମସ୍ତଙ୍କ ପ୍ରିୟ ହୋଇ ପାରିଥିଲେ । ତାଙ୍କ ବିୟୋଗରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ବିୟୋଗରେ ଓଷ୍ଟା ଝାରସୁଗୁଡ଼ା ଜିଲ୍ଲା ସଭାପତି ସଦାନନ୍ଦ ଦାସ, ସାଧାରଣ ସଂପାଦକ କିଶୋର ମହାନ୍ତି, ଉପସଭାପତି ଉମାକାନ୍ତ ପଣ୍ଡା, ଝାରସୁଗୁଡ଼ା ବ୍ଲକ ସଭାପତି ଅନିଲ କୁମାର ପଟେଲ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ହେମସାଗର ଚୌଧୁରୀ ଓ ଓଷ୍ଟା ପରିବାର ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ସେହିପରି ସମ୍ବଲପୁରର ଶିକ୍ଷକ ନେତା ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା, ଡକ୍ଟର ପ୍ରତିଭା ଦେବୀଙ୍କ ସମେତ ବହୁ ବ୍ୟକ୍ତି ସୁଶ୍ରୀ ପଣ୍ଡାଙ୍କ ବିୟୋଗରେ ଶୋକ ପ୍ରକାଶ କରି ସେ ଜନମିଷ୍ଟ ଭାଷୀ, ଆଦର୍ଶ ଶିକ୍ଷୟିତ୍ରୀ, ଦକ୍ଷ ଓ ସଚ୍ଚୋଟ ପ୍ରଶାସିକା ଥିଲେ ବୋଲି କହିଛନ୍ତି ।

## ପି.କେ. ବିଶୋଇଙ୍କ ଅବସର ଗ୍ରହଣ

ନୂଆଦିଲ୍ଲୀ : ଡାକ୍ ବିଭାଗର ସଚିବ ଶ୍ରୀ ପ୍ରଦୀପ୍ତ କୁମାର ବିଶୋଇ ଗତ ୩୦ ତାରିଖ ଦିନ ତାଙ୍କ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଜଣେ ଦକ୍ଷ ଓ ସଚ୍ଚୋଟ ପ୍ରଶାସକ ରୂପେ ଶ୍ରୀ ବିଶୋଇଙ୍କର ଖ୍ୟାତି ରହିଥିଲା । ତାଙ୍କର ସରଳ ଜୀବନ ଯାପନ ଓ ଅମାୟିକ ବ୍ୟବହାର ଯୋଗୁଁ ସେ ବେଶ୍ ଜନପ୍ରିୟ ଅଧିକାରୀ ହୋଇ ପାରିଥିଲେ ।



## କମଳ ପଣ୍ଡାଙ୍କ ସୁରେଶ୍ୱରୀ ଚାଳିଶା ସମର୍ପିତ



ସମ୍ବଲପୁର : ସୋନପୁରର ଇଷ୍ଟଦେବୀ ମାଁ ସୁରେଶ୍ୱରୀଙ୍କ ନିମନ୍ତେ ଧମା ଗୌରଗୋଠର କମଳ ଲୋଚନ ପଣ୍ଡା ମାଁ ସୁରେଶ୍ୱରୀ ଚାଳିଶା’ ରଚନା କରିଛନ୍ତି । କମଳ ନିଜସ୍ୱ ରଚିତ ଏହି ଚାଳିଶାକୁ ପବିତ୍ର ଚୈତ୍ରମାସ ପୂର୍ଣ୍ଣିମା ତିଥିରେ ମାଁ ସୁରେଶ୍ୱରୀଙ୍କୁ ସମର୍ପଣ କରିଛନ୍ତି । ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମର୍ପଣ କାର୍ଯ୍ୟକ୍ରମରେ ଶ୍ୟାମା ଓଁ ପ୍ରସାଦ ମିଶ୍ର, ଶ୍ରୀବତ୍ସ ମଲ୍ଲିକ, ରମେଶ ପ୍ରସାଦ ନାୟକ, ଭାଗିରଥି ରଥ, ମନୋଜ କୁମାର ବିଶି, ଶିବ ପ୍ରସାଦ ପୂଜାରୀ, ରାଧେଶ୍ୟାମ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra